## ସଂକ୍ଷେପରେ

### ଶିକ୍ଷକଙ୍କ ବାଇକ୍ ରାଲି



**ସିମୁଳିଆ,୧୭।୯(ଡି.ଏନ.ଏ.):** ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ଓ ଶିକ୍ଷକ ମାରଣ ନୀତିକୁ ବିରୋଧ କରି ସୋମବାର ମଧ୍ୟାହ୍ନରେ ଓଡିଶା ସ୍କୁଲ କଲେଜ କର୍ମଚାରୀ ମିଳିତ ମଞ୍ଚର ୭୫ଜଣ ଶିକ୍ଷକ ବାଇକ୍ ରାଲିରେ ବାହାରି ଜନସଚେତନତା କରିଥିଲେ। ଶିକ୍ଷକ ମାନେ ସମାନ କାମକୁ ସମାନ ଦରମା, ବ୍ଲକଗ୍ରାଣ୍ଟ ଉଚ୍ଛେଦ ଆଦି ୭ ଦଫା ଦାବି ସମ୍ପର୍କରେ ସ୍ଲୋଗାନ ଦେଇ ସିମୁଳିଆ ବ୍ଲକର ମାର୍କୋଣା, ଜାମୁଝାଡି, ବାଟି, ବାଉରିପଦା, କ୍ଷୀରକୋଣା, କନ୍ହେଇବିନ୍ଧା ଆଦି ଅଞ୍ଚଳ ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକମାନଙ୍କର ବିଭିନ୍ନ ଦାବିକୁ ଛାତ୍ରୀଛାତ୍ର, ଅଭିଭାବକ, ବୁଦ୍ଧିଜୀବୀମାନେ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ମଞ୍ଚ ଆବାହକ ସୁଧୀର କୁମାର ମୁଦୁଲି, କୁମୁଦବନ୍ଧୁ ନାୟକ, ପୂର୍ଣ୍ଣଚନ୍ଦ୍ର ସିଂ, ପ୍ରସନ୍ନ କୁମାର ଧଳ, ରଘୁନାଥ ପାତ୍ର, ଗଦାଧର ପଣ୍ଡା, ଦିଲୀପ କୁମାର ରଥ ଓ କୃପାସିନ୍ଧୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

**ସୋର, ୧୭।୯(ଡି.ଏନ.ଏ.):** ସୋର ଥାନା ପାଖଡ଼ର ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମରେ ଜଣେ ମହିଳାଙ୍କର ଶନିବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ଏହି ଗ୍ରାମର ଅଜୟ ମହାଲିକଙ୍କ ସ୍ତ୍ରୀ ଅଙ୍କିତା ଶୁକ୍ରବାର ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସୋର ଡାକ୍ତରଖାନା ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ବାଲେଶ୍ୱର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରୁଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ■ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୂନ୍ୟ

# ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକଙ୍କ ଲଙ୍କାକାଣ୍ଡ

- ■ ଡାକ୍ତରଖାନାରେ ତାଲା ପକାଇଲେ
- ■ ଟାୟାର ଜାଳି ରାସ୍ତା ଅବରୋଧ

**ବାଲିଆପାଳ, ୧୭।୯(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା ପ୍ରତିବାଦରେ ସୋମବାର ଉତ୍ତ୍ୟକ୍ତ ଲୋକେ ଲଙ୍କାକାଣ୍ଡ ଘଟାଇଛନ୍ତି। ଲୋକେ ଡାକ୍ତରଖାନାରେ ଚାବି ପକାଇବା ସହ କାଳିପଦା-ପଞ୍ଚୁପାଲି ମୁଖ୍ୟରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

୫୩ ବର୍ଷର ଏହି ଡାକ୍ତରଖାନା ଉପରେ ଦକ୍ଷିଣ ବାଲିଆପାଳର ବଡାସ, ପ୍ରତାପପୁର, ଜଗତୀପୁର, ପଞ୍ଚୁପାଲି, ଜମ୍ବିରାଇ, ନୂଆଗାଁ, ଅଁଳାଡିହା, ବେତଗଡିଆ, ଡଗରା, ଚଉମୁଖ ଆଦି ପଞ୍ଚାୟତର ଲକ୍ଷାଧିକ ଲୋକ ନିର୍ଭର କରନ୍ତି। ୩ ବର୍ଷ ପୂର୍ବେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ମିଳିଛି। ତେବେ ୫ ଜଣ ଡାକ୍ତରଙ୍କ ବଦଳରେ ଏଠାରେ ମାତ୍ର ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ସେ ନିୟମିତ ଡାକ୍ତରଖାନାକୁ ଆସି ଆଉଟଡୋରରେ ୧୦୦ରୁ ୧୨୦ରୋଗୀଙ୍କୁ ଦେଖୁଥିଲେ। ମାତ୍ର ୬ ଦିନ ତଳେ ବାଲେଶ୍ୱର ସିଡିଏମ୍‌ଓଙ୍କ ନିର୍ଦ୍ଦେଶରେ ସେ ଏଠାକୁ ନ ଆସି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେପୁଟେଶନରେ ଡ୍ୟୁଟି କରୁଛନ୍ତି। ଏଠାରେ କାର୍ଯ୍ୟରତ ଏକ ମାତ୍ର ଫାର୍ମାସିଷ୍ଟଙ୍କୁ ମଧ୍ୟ ଅନ୍ୟତ୍ର ପଠାଇ ଦିଆଯାଇଛି। ସୋମବାର ଡାକ୍ତରଖାନାକୁ ଝାଡାବାନ୍ତି ଆକ୍ରାନ୍ତ ଜଣେ ରୋଗୀ ଓ ଜଣେ ପ୍ରସୂତି ଆସିଥିଲେ। କିନ୍ତୁ ଡାକ୍ତର କିମ୍ବା ଫାର୍ମାସିଷ୍ଟ ନ ଥିବାରୁ ତାଙ୍କୁ ବାଲିଆପାଳ ଓ ବାଲେଶ୍ୱର ପଠାଇ ଦିଆଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଦୁଇଟି ଏସଏଚଜିର ୩ ଶହରୁ ଊର୍ଦ୍ଧ୍ୱ ମହିଳା ଡାକ୍ତରଖାନାରେ ପହଞ୍ଚି ଚାବି ପକାଇଥିଲେ। ଅନ୍ୟପକ୍ଷେ ବାଲିଆପାଳ ବ୍ଲକରେ ଅଭିଯୋଗ ଶୁଣାଣିରେ ଜିଲାପାଳ, ଏସ୍‌ପି, ସିଡିଏମ୍‌ଓ, ଉପଜିଲାପାଳ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଖବର ସେଠାରେ ପହଞ୍ଚିବା ପରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶରେ ସିଡିଏମ୍‌ଓ ବିବେକାନନ୍ଦ ଦାସ ଓ ବାଲିଆପାଳ ଥାନା ଆଇଆଇସି ପେସ୍କେଲ ଏକ୍କା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିଥିଲେ। ମଙ୍ଗଳବାରଠାରୁ ଡାକ୍ତର ବେଣୁଧର ହୁଇ ପ୍ରତାପପୁର ଡାକ୍ତରଖାନାରେ ପୂର୍ବ ଭଳି ରୋଗୀ ଚିକିତ୍ସା କରିବେ ବୋଲି ସିଡିଏମ୍‌ଓ ବିବେକାନନ୍ଦ ଦାସ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି।


ଲୋକେ ଡାକ୍ତରଖାନା ଫାଟକରେ ତାଲା ପକାଇ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି।

### ■ ସରପଞ୍ଚଙ୍କ ଦୁର୍ବ୍ୟବହାରର ପ୍ରତିବାଦ

# ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

**ବାଲେଶ୍ୱର ଅଫିସ, ୧୭।୯**

ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ହୋଇ ନ ଥିବା ଅଭିଯୋଗରେ ରସଲପୁର ସରପଞ୍ଚ ଏବଂ ତାଙ୍କ ସହଯୋଗୀମାନେ ଗତ ୧୧ତାରିଖରେ ବାଲେଶ୍ୱର ସଦର ବ୍ଲକରେ ପହଞ୍ଚି ଏବିଡିଓ ରବି ନାରାୟଣ ବେହେରା ଏବଂ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରିଣୀ ଅମ୍ବିକା ମଣି ପୃଷ୍ଟିଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣା ସମ୍ପର୍କରେ ବିଡିଓ ଶଙ୍କର୍ଷଣ ବେହେରା ଏବଂ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଲିଖିତ ଭାବେ ଜଣାଇବା ପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦ କରି ବ୍ଲକର ୫୦ଜଣ କର୍ମଚାରୀ ନିଜର ସୁରକ୍ଷା ଏବଂ ସମ୍ମାନ ପାଇଁ ସୋମବାର ସଦର ବ୍ଲକ ବିଡ଼ିଓଙ୍କ ଅଫିସ୍ ସମ୍ମୁଖରେ ବସି କଲମଛାଡ଼ ଆନ୍ଦୋଳନ କରିଛନ୍ତି।

ଉକ୍ତ ଦିନ ରସଲପୁର ସରପଞ୍ଚ କେତେଜଣ ଲୋକଙ୍କର ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ନ ହେବାର କାରଣ ସମ୍ପର୍କରେ ଏବିଡିଓଙ୍କ ନିକଟକୁ ଯାଇ ପଚାରିଥିଲେ। ସେ ଅଳ୍ପଦିନ ଭିତରେ ଭତ୍ତା କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବହୁଦିନ ହେଲା ଭତ୍ତା ପାଇଁ ଆବେଦନ କରି ମଧ୍ୟ ହେଉ ନ ଥିବାରୁ ସେହିଦିନ ହିଁ କରାଇବା ଲାଗି ସେମାନେ ଅଡି ବସିଥିଲେ। ଏହି ଘଟଣାକୁ ନେଇ ଅଧିକାରୀ ଏବଂ ସରପଞ୍ଚଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରିଣୀ ଅମ୍ବିକା ମଣି ପୃଷ୍ଟି ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ସରପଞ୍ଚଙ୍କ ସହଯୋଗୀ ସେଠାରେ ପହଞ୍ଚି ଅଧିକାରୀଙ୍କୁ ଅଫିସ୍‌ରେ ବନ୍ଦ କରିଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଧମକଚମକ ଦେଇଥିଲେ ବୋଲି ଏବିଡିଓ ବେହେରା ଏବଂ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରିଣୀ ପୃଷ୍ଟି ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଉପରିସ୍ଥ ଅଧିକାରୀମାନେ ଗୁରୁତ୍ୱ ନ ଦେବାରୁ କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ଅପରାହ୍ନ ୫ଟାରେ ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଉଭୟ ପକ୍ଷଙ୍କ ମଧ୍ୟରେ ସମାଧାନ ପାଇଁ ଆଲୋଚନା ଜାରି ରହିଛି।


ସଦର ବ୍ଲକ ବିଡ଼ିଓଙ୍କ ଅଫିସ୍ ସମ୍ମୁଖରେ ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ।

### ୩୩ ପ୍ରକଳ୍ପ ଶିଳାନ୍ୟାସ

**ରୂପ୍‌ସା,୧୭।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କସିପଦା, ଆଙ୍କୋ ଓ ରୂପ୍‌ସା ସାମିଲ ହସନପୁର ପଞ୍ଚାୟତରେ ବିଜେଡି ପକ୍ଷରୁ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୩ଟି ପଞ୍ଚାୟତରେ ୩୩ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗଦେଇ ଆଙ୍କୋ ପଞ୍ଚାୟତର ଶତାବ୍ଦୀ ପାଠାଗାର, ଶିଶୁ ଉଦ୍ୟାନ, ପଦ୍ମ ପୋଖରୀରେ ପକ୍କା ଘାଟ, ଆଘିରିଆ ଶିବ ମନ୍ଦିର ଓ ଠାକୁରାଣୀଙ୍କ ପୀଠ, ଯୁକନଣ୍ଡି ଗ୍ରାମରେ ଶିବମନ୍ଦିର ଓ ପୋଡ଼ାଡ଼ିହାରେ ଶ୍ମଶାନ ଗୃହ ସମେତ କସିପଦା, ରୂପ୍‌ସା ସାମିଲ ହସନପୁର ପଞ୍ଚାୟତର ୩୩ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ୍ ନାରାୟଣ ପ୍ରଧାନ, ଜିଲାପରିଷଦ ସଭ୍ୟ ଶ୍ରୀମତୀ ପଟ୍ଟନାୟକ, ଜିଲା ସମ୍ପାଦକ ବରଦା ପ୍ରସାନ୍ନ ପଟ୍ଟନାୟକ, ଆଙ୍କୋ ପଞ୍ଚାୟତ ସଭାପତି ସନ୍ତୋଷ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବିଜୁ ଯୁବ ବାହିନୀର କର୍ମକର୍ତ୍ତା ପରିଚାଳନା କରିଥିଲେ।



## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।





@ କାର୍ତ୍ତିକ


@ ମଣ୍ଟୁ


@ ଅଶୋକ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ସବୁଠି ବିଶ୍ୱକର୍ମାଙ୍କୁ ଆରାଧନା

**ଭୋଗରାଇ, ୧୭।୯(ଡି.ଏନ.ଏ.)**

ଭୋଗରାଇର ପୁରପଲ୍ଲୀରେ ବିଶ୍ୱ ରୂପକାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଆରାଧନା କରାଯାଇଛି। ଥାନା ଛକସ୍ଥିତ ବିଦ୍ୟୁତ୍ ନେସ୍କୋ କାର୍ଯ୍ୟାଳୟ, ଭୋଗରାଇ ଅଟୋରିକ୍ସା ଓ ରିକ୍ସା ୟୁନିଅନ୍, ଚିତ୍ତରଞ୍ଜନ ଆଇଟିଆଇରେ ଯନ୍ତ୍ରଶିଳ୍ପୀ ବିଶ୍ୱକର୍ମାଙ୍କୁ ଆରାଧନା କରାଯାଇଥିବା ବେଳେ ଚନ୍ଦନେଶ୍ୱର ଆଦି ସ୍ଥାନରେ ବିଶ୍ୱକର୍ମା ଦେବତାଙ୍କ ପୂଜାର୍ଚ୍ଚନା କରି ଭକ୍ତି ନୈବେଦ୍ୟ ଅର୍ପଣ କରାଯାଇଛି।

**ଜଳେଶ୍ୱର,(ଡି.ଏନ.ଏ.)-** ଜଳେଶ୍ୱର ସହର ଷ୍ଟେଶନ ବଜାରସ୍ଥିତ ନେସ୍କୋ କାର୍ଯ୍ୟାଳୟ, ନୂଆବଜାର ଗ୍ରୀଡଷ୍ଟେଶନ, ପିଡବ୍ଲୁଡି ଅଫିସ୍ ଓ ସମସ୍ତ ଯାନ୍ତ୍ରିକ ଦୋକାନ ତଥା ଶୋରୁମ୍‌ରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଛି।

**ଔପଦା,(ଡି.ଏନ.ଏ.)-**ଔପଦା ବ୍ଲକ ସଦର ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। ନେସ୍କୋ ଓ ଆକାଂକ୍ଷା ବିଦ୍ୟୁତ୍ ବିତରକ ସଂସ୍ଥାନର ମିଳିତ ସହଯୋଗରେ ପୂଜା କରାଯାଇଥିଲା।


ଜଳେଶ୍ୱର ଷ୍ଟେଶନ ବଜାରସ୍ଥିତ ନେସ୍କୋ କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# ସାହସୀ, ନିର୍ଭୀକ ଥିଲେ ଗୋକୁଳଚନ୍ଦ୍ର

**ଖଇରା,୧୭।୯(ଡି.ଏନ.ଏ.)**

ସମାଜର କିଛି ଉନ୍ନତିମୂଳକ କାର୍ଯ୍ୟ ବେଳେ ସେ ଦଳକୁ ଗୁରୁତ୍ୱ ଦେଉ ନ ଥିଲେ। ଖଇରାର ସ୍ୱାଭିମାନ ପାଇଁ ସେ ଜୀବନତମାମ ସଂଗ୍ରାମ କରୁଥିଲେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସାହସ ଓ ନିର୍ଭୀକତା ଆଜିର ଯୁବପିଢି ପାଇଁ ପ୍ରେରଣା ହୋଇ ରହିବ ବୋଲି ଖଇରା ବ୍ଲକର ପୂର୍ବତନ ଅଧ୍ୟକ୍ଷ, ଜନନେତା ତଥା ବିଶିଷ୍ଟ ଖବରଦାତା ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡା ସପ୍ତଦଶ ସ୍ମୃତି ସମାରୋହରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଖଇରା ବ୍ଲକର ଅଲିପୁରସ୍ଥିତ ପ୍ରତିଷ୍ଠିତ ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ସୋମବାର ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ବାବାଜୀ ଚରଣ ଦାଶ ସଭାପତିତ୍ୱ କରିଥିଲେ। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଖଇରା କଲେଜର ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ସରପଞ୍ଚ ହରିହର କୁଣ୍ଡୁ ସମ୍ମାନିତ ଅତିଥି, ସମିତି ସଭ୍ୟ ଦିଲୀପ ବେହେରା ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଅନାମନନ୍ଦ ଦାଶ ଅତିଥି ପରିଚୟ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପୃଷ୍ଟି ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରମୋହନ ଖଟୁଆ, କବି ରାଧାଶ୍ୟାମ ପଣ୍ଡା, ରତିକାନ୍ତ ନାୟକ, କମଳାକାନ୍ତ ଓଝା, ମମତାମୟୀ ପଣ୍ଡା, ଅଜୟ ଦାସ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଧର ପଣ୍ଡା, ସଂକୀର୍ତ୍ତନ ପଣ୍ଡା, ଗଗନ ବିହାରୀ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଅନୁପମା ମହାରଣା, ସୁକାନ୍ତି ପୃଷ୍ଟି, ଅନସୂୟା ମହାରଣା ଗୋକୁଳଚନ୍ଦ୍ରଙ୍କ ଭଳି ନିଜ ମାଟିର ଟେକ ରଖିବାକୁ କହିଥିଲେ। ଛାତ୍ରୀ ମମତାମୟୀ ବେହେରା, କୌଶଲ୍ୟା ସାହୁ, ଶୁଭଲକ୍ଷ୍ମୀ ସେଣ୍ଠଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ଓ ଅଧ୍ୟାପକ ଆଲୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଉମାକାନ୍ତ ନାୟକ, ରବୀନ୍ଦ୍ର କୁମାର ପତ୍ରୀ, ଲତାଞ୍ଜଳି ଦାସ, ଦୁଷ୍ମନ୍ତ ଲେଙ୍କା, ନୀଳାମ୍ବର ବେହେରା, ମଣିଭଦ୍ର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ସ୍ମୃତି ସମାରୋହରେ ଅତିଥିମାନେ।

### ଇମାମୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବାରିପଦା ଷ୍ଟୋର୍ଟସ ହଷ୍ଟେଲ ଚାମ୍ପିୟନ

**ବାଲେଶ୍ୱର ଅଫିସ, ୧୭।୯**

ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉପଲକ୍ଷେ ଇମାମୀ ପେପର ମିଲ୍‌ସ ପକ୍ଷରୁ ଆୟୋଜିତ ୨୫ତମ ଇମାମୀ କପ୍ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ସୋମବାର ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ନୀଳଗିରି ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶିଳ୍ପପତି ହିମାଂଶୁ ଦାସ, ପେପର ମିଲ୍‌ସର ନିର୍ଦ୍ଦେଶକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ସୁଶୀଲ କୁମାର ଖୈତାନ୍ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଇମାମୀ ପେପର ମିଲ୍ ଖେଳ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଆନ୍ତଃରାଜ୍ୟ ଷ୍ଟୋର୍ଟସ ହଷ୍ଟେଲ ବାଲେଶ୍ୱର, ଜୟ କିଶାନ୍ କ୍ଲବ ରସଲପୁର, ସଂଘର୍ଷ କ୍ଲବ ଭୁବନେଶ୍ୱର, ମୟୂରଭଞ୍ଜ ଏକାଦଶ, ବିଡ଼ାନାସୀ କ୍ଲବ କଟକ, ନେତାଜୀ କ୍ଲବ ବାଲଗୋପାଳପୁର, ଆକା କ୍ଲବ କଟକ ଏବଂ ଷ୍ଟୋର୍ଟସ ହଷ୍ଟେଲ ବାରିପଦା ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲକୁ ହରାଇ ବାରିପଦା ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ ହୋଇଛି। ଚାମ୍ପିୟନ ବାରିପଦା ସ୍ପୋର୍ଟସ ହଷ୍ଟେଲକୁ ନଗଦ ଅର୍ଥରାଶି ୨୦ହଜାର ଏବଂ ରନର୍ସ ଦଳ ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲକୁ ନଗଦ ୧୨,୫୦୦ ଟଙ୍କା, ଶ୍ରେଷ୍ଠ ଦଳ ଭାବେ ଭୁବନେଶ୍ୱର ସଂଘର୍ଷ କ୍ଲବକୁ ୩ହଜାର, ଶ୍ରେଷ୍ଠ ଖେଳାଳି ଭାବେ ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲର ସୁନୀଲ ସିଂଙ୍କୁ ୩ହଜାର ଟଙ୍କା ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ, ମଧୁମିତା ଦାସ, ସମ୍ମାନନୀୟ ଅତିଥି ଭାବେ ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଶ୍ରମିକ ନେତା ସୁଧିର ମଙ୍ଗରାଜ, ପେପର ମିଲ୍‌ସର ଉପ-ସଭାପତି ଆଶିଷ ଗୁପ୍ତା, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ନୀଳଗିରି ଏସ୍‌ଡ଼ିପିଓ ସୁଦାମ ଚରଣ ସାହୁ, ରେମୁଣା ଥାନାଧିକାରୀ ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।





ଭୀରୁ ବାରମ୍ବାର ମରେ; କିନ୍ତୁ ସାହସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ଜନ ଅଭିଯୋଗ ଶୁଣାଣି

**ରାଇରଙ୍ଗପୁର, ୧୭।୯ (ଡି.ଏନ୍.ଏ) :** ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ମୟୁରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଏସ୍.ପି. ଅବିନାଶ କୁମାରଙ୍କ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା, ଆର.ଟି.ଡି.ଏ ପ୍ରକଳ୍ପ ପ୍ରଶାସକ ଅନନ୍ତ ନାରାୟଣ ସିଂ ଲାଗୁରୀ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ (ଏସ୍.ଡ଼ି.ଏମ୍.ଓ) ଡ. ପ୍ରତିଶ ଚନ୍ଦ୍ର ଅନନ୍ତ ଏବଂ ପ୍ରୋବେସନର ଆର.ଏ.ଏସ୍. ହେମକାନ୍ତ ଆୟସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମୋଟ୍ ୪୧ ଅଭିଯୋଗର ଶୁଣାଣୀ କରିଥିଲେ। ସେଥିମଧ୍ୟରୁ ୩୬ଗୋଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୫ ଗୋଟି ଗ୍ରାମ୍ୟ ସମସ୍ୟା।

### ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



**ବିଶୋଇ,୧୭।୯:** ବିଶୋଇ ବ୍ଲକ ଅନ୍ତର୍ଗତ ବାଉତିବେଡା ପଞ୍ଚାୟତର ସ୍ଥାନୀୟ ଚଟାଣିଠାରେ ଗଣେଶ ପୂଜା ଉପଲକ୍ଷେ ୩ ଦିନ ଧରି ସ୍ଥାନୀୟ ରଘୁ ମୁର୍ମୁ ମାର୍ଶଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ତମ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଂସଦ ଇଂ. ରାମଚନ୍ଦ୍ର ହାଁସ୍‌ଦା ଓ ଅନ୍ୟତମ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାର୍ଣ୍ଡି, ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସ୍‌ଦା, ବିଶୋଇ ବ୍ଲକ ଅଧକ୍ଷା ତୁଳସୀ ସିକ୍ରୀ ହାଁସ୍‌ଦା, ୩୪ ନଂ. ଜିଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜାମଦାର ଚିତ୍ରୀଟାଙ୍ଗର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିଜାତଳାର ୯୮ କାଳାଝରି, ୩ୟ ସ୍ଥାନ ଅଧିକାର କରିଥିବା ଚିତ୍ରୀଟାଙ୍ଗର ଓ କାଳାଝରି ଦଳକୁ ପୁରସ୍କୃତ କରାଯାଇଥିଲା। ଗଣେଶ୍ୱର କିସ୍କୁ ସଭା ପରିଚାଳନା କରିଥିଲେ।

# ସବୁଠି ବୁଡ଼ିଯାଉଛି ଚିତ୍ରାଳୟ

**ବଡ଼ସାହି,୧୭।୯(ସ୍ୱ.ପ୍ର.)**



ବଡସାହିର ଏକ ଚିତ୍ରାଳୟରେ ସଜ୍ଜିତ ହୋଇଥିବା ଛାତ୍ରୀମାନେ।

- **କଳା ସଂସ୍କୃତିକୁ ବଞ୍ଚାଇ ରଖୁଥିବା ଚିତ୍ରକଳା ଏବେ ରୁଗ୍‌ଣ**
- **ଲୋକ କଳାର ସୁରକ୍ଷା ଲାଗି ପ୍ରୋତ୍ସାହନ ମିଳୁନି**

କଳା ଓ ସଂସ୍କୃତିର ମାଟି ମୟୂରଭଞ୍ଜ । ଏକଦା ଏଠି ନାଟକ, ଗୀତିନାଟ୍ୟ, ଡ୍ରାମା, ଥିଏଟର, ଯାତ୍ରା ଓ ପାଲା ଭଳି ସାଂସ୍କୃତି କାର୍ଯ୍ୟକ୍ରମର ବହୁଳ ପ୍ରସାର ଘଟିଥିଲା। ଆଞ୍ଚଳିକ ଲୋକକଳା ସମୃଦ୍ଧିର ଶୀର୍ଷ ଛୁଇଁଥିଲା। ସେତେବେଳେ କଳାକାରଙ୍କୁ ବେଶଭୂଷାରେ ସଜ୍ଜିତ କରିବା ଲାଗି ଜିଲାର ବିଭିନ୍ନ ଅଞ୍ଚଳରେ ଅନେକ ଚିତ୍ରାଳୟ ଗଢ଼ିଉଠିଥିଲା। ଏହାକୁ ବୃତ୍ତି ଭାବେ ଗ୍ରହଣ କରି ଚିତ୍ରାଳୟ ମାଲିକ ଓ ବେଶଭୂଷାକାରୀ ପରିବାର ପ୍ରତିପୋଷଣ କରୁଥିଲେ। କ୍ରମେ ଡ୍ରାମା, ଥିଏଟର ଭଳି କଳାର ଆଦର କମିଯିବାରୁ ଏବେ ଅନେକ ଚିତ୍ରାଳୟ ପ୍ରାୟ ବନ୍ଦ ହୋଇଗଲାଣି। ଏହି ବୃତ୍ତିଠାରୁ ସମ୍ପୃକ୍ତ ଲୋକେ ଦୂରେଇଯିବାକୁ ବସିଲେଣି। କଳାକାରଙ୍କ ବେଶଭୂଷା ଲାଗି ବ୍ୟବହାର ହେଉଥିବା ସରଞ୍ଜାମ, ପ୍ରସାଧନ ସାମଗ୍ରୀ, ପୋଷାକ ପରିପାଟୀ ରକ୍ଷଣାବେକ୍ଷଣ ଅଭାବରୁ ମଧ୍ୟ ନଷ୍ଟ ହୋଇଗଲାଣି। ଅଞ୍ଚଳର କଳା ସଂସ୍କୃତିକୁ ବଞ୍ଚାଇ ରଖିବାରେ ପ୍ରମୁଖ ଭୂମିକା ବହନ କରିଥିବା ଏସବୁ ଚିତ୍ରାଳୟ ଦୁଃସ୍ଥିତି ମଧ୍ୟରେ ଗତି କରୁଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ନାହିଁ।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ବହୁ ପୁରୁଣା 'ରୂପଶ୍ରୀ ଚିତ୍ରାଳୟ' ସମେତ ରଘୁନାଥଜୀଉ ଚିତ୍ରାଳୟ ଆଦି ସଂସ୍ଥା ଏବେ ବଞ୍ଚିବା ଲାଗି ସଂଘର୍ଷ ଚଳାଇଛନ୍ତି। ରୂପଶ୍ରୀ ଚିତ୍ରାଳୟ ମାଲିକ ସାଧୁଚରଣ ପଣ୍ଡା କହନ୍ତି, ଆଧୁନିକତା ନାଁରେ କଳା ସଂସ୍କୃତିକୁ ଏବେ ହତାଦର କରାଯାଉଛି। ସ୍କୁଲ ଓ କଲେଜରେ ଆଉ ଆଗଭଳି ଗୀତିନାଟ୍ୟ ଓ ଅନ୍ୟ ନାଟକ ହେଉନାହିଁ। ଗ୍ରାମାଞ୍ଚଳରେ ଡ୍ରାମା, ଥିଏଟରଠାରୁ ଲୋକେ ଦୂରେଇ ଗଲେଣି। ଏଭଳି ସ୍ଥିତିରେ ଚିତ୍ରାଳୟସବୁ ବନ୍ଦ ହେବାକୁ ବସିଛି। ଲୋକକଳା ଓ ସଂସ୍କୃତିର ସୁରକ୍ଷା ଲାଗି ସରକାରଙ୍କ ପକ୍ଷରୁ ଆବଶ୍ୟକ ପ୍ରୋତ୍ସାହନ ମିଳୁନାହିଁ ବୋଲି ରଘୁନାଥଜୀଉ ଚିତ୍ରାଳୟ ମାଲିକ ରବିନାରାୟଣ ପଣ୍ଡା କହିଛନ୍ତି। ସରକାରୀ ସ୍କୁଲ ଓ କଲେଜରେ ଆଉ ସାଂସ୍କୃତିକ କାର୍ଯ୍ୟକ୍ରମ ଆଗ ଭଳି ହେଉନାହିଁ। କେତେକ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଚିତ୍ରାଳୟଗୁଡିକ ନାମକୁମାତ୍ର ଚାଲିଛି। ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ଅଭିନୟ କରିବା ପାଇଁ ଆବଶ୍ୟକ ପୋଷାକ ଚିତ୍ରାଳୟରୁ ଆଣୁଛନ୍ତି। ଏକଦା ଚିତ୍ରାଳୟକୁ ବୃତ୍ତି ଭାବେ ବାଛି ନେଇଥିବା କଳାକାର ଓ ମାଲିକମାନଙ୍କର ଆର୍ଥିକ ସ୍ଥିତି ଏଥିଲାଗି ଦୋହଲି ଯାଉଛି। କଳା ଓ ସଂସ୍କୃତିର ସୁରକ୍ଷା ଲାଗି ପଦକ୍ଷେପ ନିଆଗଲେ ଜିଲା ଲାଗି ଗୌରବ ଆଣିଥିବା ବିଭିନ୍ନ ଲୋକକଳା ଓ ସଂସ୍କୃତି ତିଷ୍ଠି ରହିପାରନ୍ତା ବୋଲି ପୁରୁଖା କଳାକାରମାନେ ମତ ପ୍ରକାଶ କରିଛନ୍ତି।



ବାରିପଦା ବସ୍‌ଷ୍ଟାଣ୍ଡରେ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତି।

## ପୂଜା ପାଇଲେ ଦେବଶିଳ୍ପୀ

**ବାରିପଦା ଅଫିସ/ବଡ଼ସାହି (ସ୍ୱ.ପ୍ର.),୧୭।୯**

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ବେଶ୍ ଜାକଜମକର ସହ ପାଳିତ ହୋଇଯାଇଛି । ସୁସଜ୍ଜିତ ତୋରଣ ଓ ମଣ୍ଡପ ସାଙ୍ଗକୁ ଆଲୋକ ସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଦେବଶିଳ୍ପୀଙ୍କ ପୂଜାରେ ସାରା ସହର ଉତ୍ସବମୁଖର ହୋଇଉଠିଛି। ପାଗ ଅନୁକୂଳ ଥିବାରୁ ସନ୍ଧ୍ୟାରେ ପୂଜାମଣ୍ଡପରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ବାରିପଦା ଷ୍ଟେଶନ ବଜାର ପରିସରରେ ଥିବା ଇଲେକ୍ଟ୍ରିକାଲ ସେକ୍ସନ ସମେତ ସାରା ସହରର ବିଭିନ୍ନ ସ୍ଥାନରେ ପୂଜା ରୀତିନୀତି ଅନୁଯାୟୀ ସମାପନ ହୋଇଛି । ବିଭିନ୍ନ ସଙ୍ଗଠନ, ଦୋକାନବଜାର, ଘରୋଇ ବସ୍ ମାଲିକ ସଂଘ, ମୋଟର କର୍ମଚାରୀ ସଂଘ, ଟ୍ୟାକ୍ସି ସଂଘ, ଅଟୋ ମାଲିକ ସଂଘ, ରିକ୍ସା ସଂଘ ଏବଂ ଉପଖଣ୍ଡ ଠିକାଦାର ସଂଘ ପକ୍ଷରୁ ଏହି ପୂଜାକୁ ଧୁମ୍‌ଧାମରେ ପାଳନ କରାଯାଇଛି । ସେହିପରି ପିଡବ୍ଲୁଡି ଅଫିସ, ଆରଡବ୍ଲୁଏସ୍‌ଏସ୍, ଜଳସେଚନ ବିଭାଗ, ଦମକଳ ଅଫିସ, ବିଦ୍ୟୁତ୍ ବିଭାଗରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି। ସେହିପରି ବଡ଼ସାହି ଅଞ୍ଚଳରେ ମୋଟର ସଂଘ, ନ୍ୟାଶନାଲ ଫେବ୍ରିକେଶନ, ମହିମା ଆଇଟିଆଇ, ମାଣତ୍ରୀ ଓ ବଡ଼ସାହି ବିଦ୍ୟୁତ୍ କାର୍ଯ୍ୟାଳୟରେ ଏହି ପୂଜା ପାଳନ କରାଯାଇଛି । ସନ୍ଧ୍ୟାରେ ଆକର୍ଷଣୀୟ ତୋରଣ ଓ ରଙ୍ଗବେରଙ୍ଗର ଆଲୋକମାଳା ଦେଖିବା ପାଇଁ ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା ।

**ଖୁଣ୍ଟା, (ଡି.ଏନ.ଏ.)–** ଖୁଣ୍ଟା ବଜାର ରେ ବିଭିନ୍ନ ଘରୋଇ ବ୍ୟବସାୟ ପ୍ରତିଷ୍ଠାନରେ ବିଶକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ଖୁଣ୍ଟାର ବାବା ବିଶ୍ୱକର୍ମା ସାର୍ବଜନୀନ ପୂଜା କମିଟି , ଖୁଣ୍ଟା ଅଟୋ ସଂଘ ଓ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ପକ୍ଷରୁ ବିଶକର୍ମାଙ୍କ ମୃର୍ଣ୍ମୟ ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଥିଲା ।

**ବିଶୋଇ:** ବିଶୋଇ ଅଞ୍ଚଳର ବିଭିନ୍ନ ଗ୍ୟାରେଜ, ହାର୍ଡୱାର, ଯାନ ପାର୍ଟସ୍ ତଥା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ସେଥିମଧ୍ୟରୁ ବିଶୋଇ ଆଇଟିଆଇ, ବାଡୁଣିଆ, ବିଶୋଇ ଷ୍ଟ୍ରକ୍‌ଚରଠାରେ ଏହି ପୂଜା ଧୁମ୍‌ଧାମରେ ପାଳିତ ହୋଇଯାଇଛି ।

**ରାଇରଙ୍ଗପୁର, (ଡି.ଏନ୍.ଏ) :** ରାଇରଙ୍ଗପୁର ସହରାଞ୍ଚଳ ସ୍ଥିତ ପୂର୍ତ୍ତ, ବିଦ୍ୟୁତ (ନେସ୍କୋ) ଏବଂ ଜନସ୍ୱାସ୍ଥ୍ୟ ବିଭାଗୀୟ ସମତେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଶିକ୍ଷାନୁଷ୍ଠାନ, ବସ୍‌ଷ୍ଟାଣ୍ଡରେ ଆନନ୍ଦ ଉଲାସ ସହ ବିଶ୍ୱକର୍ମା ପାଳନ କରାଯାଇଛି।

**ଉଦଳା,(ଡି.ଏନ.ଏ.)–** କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଏନ୍‌ଏସି ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବିଭିନ୍ନ ସଂଗଠନ ତରଫରୁ ବିଶ୍ୱକର୍ମା ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଉଦଳା ଘରୋଇ ବସ୍ ମାଲିକ ସଂଘ, ମୋଟର କର୍ମଚାରୀ ସଂଘ, ଟ୍ୟାକ୍ସି ସଂଘ, ଅଟୋ ମାଲିକ ସଂଘ, ରିକ୍‌ସା ସଂଘ, ଉପଖଣ୍ଡ ଠିକାଦାର ସଂଘ ପକ୍ଷରୁ ଏହି ପୂଜାକୁ ଧୁମ୍‌ଧାମରେ ପାଳନ କରାଯାଇଛି।

**ଭଞ୍ଜକିଆ,(ଡି.ଏନ୍.ଏ)–** ରରୁଆଁର ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ରହିଛି। ଭଞ୍ଜକିଆ ଆଇଟିସିରେ ବିଶ୍ୱକର୍ମା ପୂଜା ନିମନ୍ତେ ୩ଦିନିଆ ପ୍ରବଚନ କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି।

## 'ଲୁକ୍କାୟିତ ପ୍ରତିଭାର ବିକାଶ କର'

**ମୋରଡା,୧୭।୯**

ମୋରଡା ବ୍ଲକସ୍ତରୀୟ 'ମୁଁ ହିରୋ, ମୁଁ ଓଡିଶା' କାର୍ଯ୍ୟକ୍ରମ ଜବାହର ବିଦ୍ୟାପୀଠ ସରକାରୀ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ବିଧାୟକ ଭଞ୍ଜଦେଓ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମୁଲତା ମହାନ୍ତ, ମୋରଡା ବିଡିଓ ପ୍ରିୟବ୍ରତ ପାଢୀ ଏବଂ ବିଜୁ ଯୁବ ବାହିନୀର ରାଜ୍ୟ ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ ଯୋଗ ଦେଇଥିଲେ।



ମୋରଡାରେ ଆୟୋଜିତ ସମାବେଶରେ ସାମିଲ ଯୁବତୀଯୁବକ।

## ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା

**ଠାକୁରମୁଣ୍ଡା,୧୭।୯(ଡି.ଏନ.ଏ)**

ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ଦ୍ୱାରା ଖୁଣ୍ଟାପୋଷିଠାରେ ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୧୮ଗୋଟି ଗ୍ରାମପଞ୍ଚାୟତର ଖେଳାଳିମାନେ ଏହି ପ୍ରତିଯୋଗିତା ଅଂଶଗ୍ରହଣ କରିଛନ୍ତି । ଫୁଟବଲ ପ୍ରତିଯୋଗିତାକୁ ଠାକୁରମୁଣ୍ଡା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଡିଓ ବିଜୟ କୁମାର ନାୟକ, ଜିପିଓ ଦାମୋଦର ମାହାଳିକ, ଏସିଓ ଗୋପୀନାଥ ସଏ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୬ଗୋଟି ଗ୍ରାମପଞ୍ଚାୟତ ଅଂଶଗ୍ରହଣ କରିଥିଲେ।

## ଦାବି ପୂରଣ ଲାଗି ଆନ୍ଦୋଳନ

**ଭଞ୍ଜକିଆ,୧୭।୯**

ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ନାଯ୍ୟ ଦାବି ପୂରଣ ଲାଗି ସୋମବାର ରରୁଆଁ ବ୍ଲକ ଅନ୍ତର୍ଗତ ଭଞ୍ଜକିଆ ଓ ଗୋଡାପଳସା ଗ୍ରାମପଞ୍ଚାୟତରେ ପଥପ୍ରାନ୍ତ ସଭା ଓ ଆନ୍ଦୋଳନ ହୋଇଯାଇଛି। ଏଥିରେ ସି.ପି କଲେଜ ଭଞ୍ଜକିଆ, ବି.ଏନ୍ ହାଇସ୍କୁଲ, ଜ୍ଞାନଜ୍ୟୋତି ହାଇସ୍କୁଲ, ତିଗିରିଆ, ଜ୍ଞାନଜ୍ୟୋତି ଏମ୍.ଇ ସ୍କୁଲ, ଆଦିବାସୀ ଏମ୍.ଇ ସ୍କୁଲ ବାଟିସାହିର ଶତାଧିକ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ। ଏକ ବିରାଟ ପଟୁଆରରେ ନିୟନ୍ତି ଓ ଗୋଡପଳସା ଗ୍ରାମପଞ୍ଚାୟତରେ ପଥପ୍ରାନ୍ତ ସଭା କରାଯାଇଥିଲା। ଏହି ସଭାରେ ଓଷ୍ଟାର ଆସିଷ୍ଟାଣ୍ଟ ସେକ୍ରେଟାରୀ ତଥା ବି.ଏନ୍ ହାଇସ୍କୁଲ୍‌ର ହେଡମାଷ୍ଟର ସଭାପତିତ୍ୱ କରିଥିଲେ। ସି.ପି କଲେଜର ଓଡ଼ିଆ ଅଧାପକ ସୁଧାକୃଷ୍ଣ ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ

### ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ପଞ୍ଚାୟତ ପରିକ୍ରମା

**ତିହିଡ଼ି,୧୭।୯(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଧାପକ, ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସୋମବାର ବିଭିନ୍ନ ପଞ୍ଚାୟତ ପରିକ୍ରମା କରାଯାଇଛି। ମଞ୍ଚର କର୍ମକର୍ତ୍ତାମାନେ ପାଳିଆବିନ୍ଧା ପଞ୍ଚାୟତ ବିରଞ୍ଚି ନାରାୟଣ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ବିଭିନ୍ନ ଦାବି ସମ୍ବନ୍ଧୀୟ ସ୍ଲୋଗାନ ଦେଇ ପାଳିଆବିନ୍ଧା, ମହରମପୁର, ତାଳପଦା ଓ ମୁକୁନ୍ଦପୁର ପଞ୍ଚାୟତ ପରିକ୍ରମା କରି ତିହିଡ଼ିରେ ପହଞ୍ଚିଥିଲେ। ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଦେବେନ୍ଦ୍ର କୁମାର ସାମଲ, ଅଧାପକ ପୂର୍ଣ୍ଣଚନ୍ଦ୍ର ବାରିକ, ଅଧାପକ ରମେଶ ପ୍ରତାପ, ଅଧାପକ ହରିହର ନାୟକ, ଅଧାପିକା ନିରୁପମା ସାହୁ, ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତି, ବିଶ୍ୱନାଥ ପଣ୍ଡା, ପ୍ରଶାନ୍ତ ମହାରଣା, ଶିକ୍ଷକ ଲଲାଟେନ୍ଦୁ ମହାପାତ୍ର, ପ୍ରଭାତ ଜେନା, ରମେଶ ସାହୁ, ବିଦ୍ୟାଧର ଭୋଇ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଅଗ୍ନିବିପନ୍ନଙ୍କୁ ଭେଟିଲେ ମନ୍ତ୍ରୀ

**ଭଣ୍ଡାରିପୋଖରୀ, ୧୭।୯(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତର ବଡବନସ୍ତା ଗ୍ରାମରେ ୧୪ ତାରିଖ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୭ ପରିବାରଙ୍କ ୮ ବଖରା ଘର ପୋଡିଯାଇଥିଲା। ଏହି ଖବରପାଇ ସ୍ଥାନୀୟ ବିଧାୟକ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଥାନାଧିକାରୀ ଅମିତ କୁମାର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ସଙ୍ଗୀତା ଖଣ୍ଡାୟୀ, ଦୟାନିଧି ପଣ୍ଡା, ନାରାୟଣ ଦାସ, ଧନେଶ୍ୱର ବିଶ୍ୱାଳ, ରାଧାକାନ୍ତ ଦାସ, ରାଜେନ୍ଦ୍ର ଖଣ୍ଡାୟୀ, ଭରତ ସାହୁ ପ୍ରମୁଖ ଅଗ୍ନିବିପନ୍ନ ପରିବାରଙ୍କୁ ରବିବାର ରାତିରେ ଭେଟିଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଥିଲେ। ଚାରିଟି ବିଜୁ ପକ୍କାଘର ଯୋଗାଇ ଦେବା ପାଇଁ ମନ୍ତ୍ରୀ ସରପଞ୍ଚ ଖଣ୍ଡାୟୀଙ୍କୁ କହିଥିଲେ। ଏହି ଅବସରରେ ମନ୍ତ୍ରୀ ଅଗ୍ନିବିପନ୍ନ ପରିବାରଙ୍କୁ ଲୁଗାପଟା କିଣିବା ପାଇଁ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ବ୍ଲକ ପ୍ରଶାସନ ୩ ଦିନ ରନ୍ଧା ଖାଦ୍ୟ ଯୋଗାଇଦେଇଥିବା ବେଳେ ତେସିଙ୍ଗା ପଞ୍ଚାୟତ ପକ୍ଷରୁ ୪ ଦିନ ରନ୍ଧାଖାଦ୍ୟ ଅଗ୍ନିବିପନ୍ନଙ୍କୁ ଯୋଗାଇ ଦିଆଯାଉଥିବା ସରପଞ୍ଚ ସୂଚନା ଦେଇଛନ୍ତି।

### ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା



ଭଦ୍ରକ ମଣ୍ଡପରେ ପୂଜା ପାଉଛନ୍ତି ଦେବଶିଳ୍ପୀ।

**ଭଦ୍ରକଅଫିସ/ଭଣ୍ଡାରିପୋଖରୀ/ ବାସୁଦେବପୁର/ବନ୍ତ, ୧୭।୯(ଡି.ଏନ୍.ଏ.)**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ବନ୍ତ ଛକଠାରେ ବସସିଣ୍ଡିକେଟ, ଘରୋଇ ଅଟୋ ସଂଘ, ଟାଉନ ହଲ ଛକ ନିକଟରେ ଜନସ୍ୱାସ୍ଥ୍ୟ ଉପଖ(ସହରାଞ୍ଚଳ), ପାୱାର ହାଉସ, ଜିଲା ୧୦ ଚକିଆ ଟିପର ମାଲିକ ସଂଘ, ମେଡିକାଲ ଛକ ନିକଟରେ ଘରୋଇ ଆମ୍ବୁଲାନ୍ସ, ଚରମ୍ପା ଆଇଟିଆଇ, ଅବନ୍ତିକା ଯୁକ୍ତ ୨ ଓ ୩ ବିଜ୍ଞାନ କଲେଜ ଏବଂ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଆଦି ବିଭିନ୍ନ ସ୍ଥାନରେ ଚିତାକର୍ଷକ ତୋରଣ ସାଙ୍ଗକୁ ମଣ୍ଡପ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଭଣ୍ଡାରିପୋଖରୀ ବଜାରଠାରେ ଥିବା ମା' ମଙ୍ଗଳା ଶ୍ରମିକ ସଂଘ ପକ୍ଷରୁ ଦକ୍ଷିଣବାଡ଼ ପଞ୍ଚାୟତ ଅଫିସ ପଡ଼ିଆ, ନେସ୍କୋ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ ଅଟୋ ଆସୋସିଏଶନ, ମେଡିକାଲ ରୋଡଠାରେ ରାଜମିସ୍ତ୍ରୀ ସଂଘ, ଡାହାଲା ଓ ଧାମନଗର ଛକଠାରେ ଥିବା ଇଲେକ୍ଟ୍ରିକ୍‌ଚର ମଞ୍ଜୁରିରୋଡ ଠାରେ ମୋଟର ମାଲିକ ସଂଘ, ମଞ୍ଜୁରିରୋଡ ଷ୍ଟେଶନ ଅଟୋରିକ୍ସା ମାଲିକ ସଂଘ, ବାରିକପୁର ମୋଟର ଯାନ ମାଲିକ ଓ କର୍ମଚାରୀ ସଂଘ, ମାଳଦା ବଜାର ମୋଟର ସଂଘ, ଶିଳ୍ପ ତାଲିମ କେନ୍ଦ୍ର, ବ୍ୟବସାୟ ପ୍ରତିଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳନ କରାଯାଇଛି। ବାସୁଦେବପୁର ସହରର ବିଦ୍ୟୁତ୍ ମାର୍ଗରେ ବିଦ୍ୟୁତ ବିଭାଗ ପକ୍ଷରୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ବିଶ୍ୱକର୍ମାଙ୍କ ସୁନ୍ଦର ପ୍ରତିମୂର୍ତ୍ତି ତିଆରି କରାଯାଇ ପୂଜାର୍ଚ୍ଚନା କରାଯାଇଛି। ତହସିଲ ଅଫିସ ସାମ୍ନା ବସ୍‌ଷ୍ଟାଣ୍ଡରେ ଘରୋଇ ବସ୍ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ପିକଅପ୍ ମାଲିକ ସଂଘ, ବ୍ଲକରୋଡର ଟେମ୍ପୋ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି। ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବନ୍ତ ନେସ୍କୋ କାର୍ଯ୍ୟାଳୟରେ କନିଷ୍ଠ ପରିଚାଳକ ଇଂ.ଭବାନୀ ଶଙ୍କର ରାୟ ସଂକଳ୍ପ କରିଥିବା ବେଳେ ପୂଜକ ମଣ୍ଟୁ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଶାନ୍ତ ସ୍ୱାଇଁ, ଅଶୋକ ଶଂଖୁଆ, ପୀତାମ୍ବର ପତି ପ୍ରମୁଖ ସହଯୋଗ କରିଥିଲେ। ବନ୍ତ ଡାକ୍ତରଖାନା ଛକଠାରେ ଗାଡ଼ି ମାଲିକ ସଂଘ ତଥା ବିଶ୍ୱକର୍ମା ପୂଜା କମିଟି ପକ୍ଷରୁ ପୂଜା ଅନୁଷ୍ଠିତ ହୋଇଛି। ୫ ଦିନ ଧରି ଏହି ପୂଜା ଚାଲିବ। ଆଲୋକ କୁମାର ରାଉତ, ଅଖିଳ ବିଶ୍ୱାଳ, ଚଗୁଲୁ ଧଳ, ସେକ୍ ଅନୱାର, ମୁଟୁ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଏକ୍ସଚେଞ୍ଜ, ବିଶ୍ୱାଳ ମାର୍କେଟ କମ୍ପ୍ଲେକ୍ସସ୍ଥିତ ମିଡିଆ ପଏଣ୍ଟ, ଭରସା ଆଇଟିଆଇ, କଳିଙ୍ଗ ବିକାଶ କମ୍ପ୍ୟୁଟର, ଲୋକନାଥ ଫ୍ଲେକ୍ସ ପ୍ରିଣ୍ଟର୍ସ, ବେଲେଶ୍ୱରୀ ପେଟ୍ରୋଲ ପମ୍ପଠାରେ ପୂଜା ପାଳନ କରାଯାଇଥିଲା।

### କଦଳୀ ଡଜନ ୧୨୦: ଖାଉଟି ହନ୍ତସନ୍ତ

**ବାସୁଦେବପୁର,୧୭।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସହରରେ ଫଳ ସମେତ ପାଚିଲା କଦଳୀ ଦର ମନଇଚ୍ଛା କେତେକ ବ୍ୟବସାୟୀ ବିକ୍ରି କରୁଥିବାରୁ ଖାଉଟି ହନ୍ତସନ୍ତ ହୋଇଛନ୍ତି। ରବିବାର କଦଳୀ ଡଜନ ପିଛା ପୂର୍ବାହ୍ନରେ ୪୦ଟଙ୍କା ସନ୍ଧ୍ୟାରେ ୮୦ ଟଙ୍କା ଓ ସୋମବାର ସକାଳେ ୧୨୦ ଟଙ୍କାରେ ବିକ୍ରି କରାଯିବା ଘଟଣା ଖାଉଟିଙ୍କୁ ହତାଶ କରିଛି। ସହର ମଧ୍ୟରେ ଫଳ ବ୍ୟବସାୟ କରୁଥିବା କେତେକ ବ୍ୟବସାୟୀ କଦଳୀ ଦରକୁ ଫିକ୍ସିଙ୍ଗ କରି ଡଜନକୁ ୧୦୦ରୁ ୧୨୦ଟଙ୍କା ବିକ୍ରି କରି ବ୍ୟାପକ ମୁନାଫା କମାଇଛନ୍ତି। ଏ ଦିଗରେ ପ୍ରଶାସନ କୌଣସି କଟକଣା ଓ ପଦକ୍ଷେପ ନେଉ ନ ଥିବାରୁ ବ୍ୟବସାୟୀମାନେ କଦଳୀ ଗୋଟାକୁ ୧୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିଛନ୍ତି। ବିଶ୍ୱକର୍ମା ପୂଜା, ସଂକ୍ରାନ୍ତି ଓ ରାଧାଷ୍ଟମୀ ଭଳି ପର୍ବ ଗୋଟିଏ ଦିନରେ ପଡିଥିବାରୁ ଏହାର ସୁଯୋଗ ନେଇ ବେପାରୀମାନେ ଦିନ ଦ୍ୱିପ୍ରହରେ ଗ୍ରାହକଙ୍କୁ ଲୁଟି ଚାଲିଛନ୍ତି। ଏଠାରେ କୌଣସି ବଜାର ନିୟନ୍ତ୍ରଣ କମିଟି ନ ଥିବା ସହିତ ଏହି ବେପାରୀଙ୍କ ଉପରେ ପ୍ରଶାସନର କଟକଣା ରହୁ ନ ଥିବାରୁ ଗ୍ରାହକମାନେ ଠକାମିର ଶିକାର ହୋଇଛନ୍ତି। ଗୋଟିଏ ଦିନରେ ପାଚିଲା କଦଳୀ ଡଜନ ପିଛା ୪ ଗୁଣ ବଢାଇ ବିକ୍ରି କରାଯିବା ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

### ଗ୍ରାମ ରାସ୍ତା ମରାମତି ଦାବି

**ଭଦ୍ରକ ଅଫିସ,୧୭।୯**

ଭଦ୍ରକ ପୌରାଞ୍ଚଳର ୭ ନମ୍ବର ୱାର୍ଡ ଗବସାହି ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଭେଟି ହାଉସିଂ ବୋର୍ଡ ମୁଖ୍ୟ ରାସ୍ତା ମରାମତି ଦାବି କରିଛନ୍ତି। ବାରମ୍ବାର ଏହି ଦାବି ହୋଇଆସୁଥିଲେ ମଧ୍ୟ ମରାମତି ହେଉ ନ ଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ବାଉଦ୍‌ପୁର, ଭଦ୍ରକ କଲେଜ, ରାନ୍ଦିଆକୁ ଯିବା ପାଇଁ ଲୋକେ ନିର୍ଭର କରନ୍ତି। ୧୫ଦିନ ମଧ୍ୟରେ ରାସ୍ତା ମରାମତି ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚେତାବନୀ ଦିଆଯାଇଛି।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବି ତେଜିଲା

**ଭଣ୍ଡାରିପୋଖରୀ,୧୭।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକସ୍ଥିତ ଧାମନଗର ଛକଠାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ଜୋରଦାର ହୋଇଛି। ଏଠାରେ ମେଡିକାଲ କଲେଜ ସ୍ଥାପନ ହେଲେ ପଡ଼ୋଶୀ ଯାଜପୁର, କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରପଡା ଜିଲାରୁ ପିଲା ଆସି ପାଠ ପଢ଼ି ଉପକୃତ ହୋଇପାରିବେ। ୫ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସହ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାର ତୁରନ୍ତ ଘୋଷଣା କରିବାକୁ ଦାବି କରାଯାଇଛି। ଆବଶ୍ୟକ ପଡ଼ିଲେ ଗଣତାନ୍ତ୍ରିକ ଉପାୟରେ ଦାବି ହାସଲ ପାଇଁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଭଣ୍ଡାରିପୋଖରୀ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଭଣ୍ଡାରିପୋଖରୀ ପ୍ରେସ୍ କ୍ଲବ, ବରିଷ୍ଠ ନାଗରିକ ଓ ବିଭିନ୍ନ ରାଜନୈତିକ ନେତୃବୃନ୍ଦ ପାଳଦାବାଙ୍କସ୍ଥିତ ହନୁମାନମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଭଣ୍ଡାରିପୋଖରୀ ବ୍ଲକଠାରେ ପହଞ୍ଚିଥିଲେ। ସେଠାରେ ଶନିଷ୍ଟର ମନ୍ଦିର ନିକଟରେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଡା. ହରେକୃଷ୍ଣ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଶିକ୍ଷାବିତ୍ ଶାନ୍ତନୁ ରାଉତ, ସାମାଜିକ କର୍ମୀ ସୁଧାକର ରାଉତ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ଡା. ଉପେନ୍ଦ୍ର ମହାପାତ୍ର, ଚନ୍ଦ୍ରଶେଖର ଜେନା, ପ୍ରକାଶ ମହାପାତ୍ର, ଧ୍ରୁବଚରଣ ବାରିକ, ଶ୍ୟାମସୁନ୍ଦର ମହାପାତ୍ର, ଅପୂର୍ବ ରଞ୍ଜନ ବେହେରା, ନିର୍ମଳ କର ପ୍ରମୁଖ ଯୋଗଦେଇ କହିଥିଲେ, ଭଦ୍ରକ ସଂସ୍କୃତି ସମ୍ପନ୍ନ ଜିଲା। ଏହି ଜିଲାକୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏଠାରେ ଏକ ମେଡିକାଲ କଲେଜ ସ୍ଥାପନ ଜରୁରୀ। ସଚେତନ ନାଗରିକ ମଞ୍ଚ, ସାହିତ୍ୟିକ, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଖବରଦାତାଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭଣ୍ଡାରିପୋଖରୀ ବ୍ଲକର ଖବରଦାତାମାନେ ଏହାର ନେତୃତ୍ୱ ନେଇଥିଲେ। ଦୁର୍ଯ୍ୟୋଧନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।




ମେଡିକାଲ କଲେଜ ପ୍ରତିଷ୍ଠା ନେଇ ସଚେତନତା ସଭା।

## ବିଧାୟକଙ୍କ ବିରୋଧରେ ଅସନ୍ତୁଷ୍ଟଙ୍କ ଦସ୍ତଖତ ଅଭିଯାନ

**ଧାମନଗର,୧୭।୯ (ଡି.ଏନ.ଏ.)**

ଧାମନଗର ନିର୍ବାଚନମଣ୍ଡଳୀରେ ଅସନ୍ତୁଷ୍ଟ ବିଜେଡି ପକ୍ଷରୁ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ବିରୋଧରେ ଆରମ୍ଭ ହୋଇଛି ଦସ୍ତଖତ ଅଭିଯାନ । ଅସନ୍ତୁଷ୍ଟଙ୍କ ମତ ଅନୁସାରେ ଗତ ୨୦୧୪ ସାଧାରଣ ନିର୍ବାଚନରେ ସମସ୍ତ ବିଜେଡି କର୍ମୀ ଏକତ୍ରିତ ହୋଇ ବିଧାୟକଙ୍କୁ ଜିତାଇଥିବାବେଳେ ପରେ ବିଧାୟକ ଦଳୀୟ ସଙ୍ଗଠନକୁ ଅଣଦେଖା କରୁଛନ୍ତି। ଦଳୀୟ କର୍ମୀଙ୍କୁ ଅଣଦେଖା କରି ଅନ୍ୟ ଦଳର କର୍ମୀଙ୍କୁ ସୁଯୋଗ ଦେବା, ଛତୁଆ ପ୍ରସ୍ତୁତି, ଶିକ୍ଷା ବ୍ୟବସ୍ଥାରେ ବିପର୍ଯ୍ୟୟ, ମଧ୍ୟାହ୍ନ ଭୋଜନରେ ହେରଫେର, ଏନଏସିରେ ନିଯୁକ୍ତି ଇତ୍ୟାଦିରେ ବିଧାୟକ ଅନିୟମିତ କରିଥିବା ଅଭିଯୋଗ ହୋଇଛି । ଏନେଇ ଆସନ୍ତା ଅକ୍ଟୋବର ୨ ତାରିଖରେ ଧାମନଗର ନିର୍ବାଚନ ମଣ୍ଡଳୀରୁ ୪୦ ହଜାର ଦଳୀୟ କର୍ମୀଙ୍କ ଦସ୍ତଖତ କରାଯାଇ ସିଧା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ସୋମବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସୂଚନାଯୋଗ୍ୟ ଧାମନଗର ରାଜନୀତିରେ ବିଜେଡି ଭିତରେ ଅସନ୍ତୁଷ୍ଟ ଦୀର୍ଘଦିନ ଧରି ଲାଗି ରହିଛି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅଶୋକ ନାୟକଙ୍କୁ ଦଳରୁ ନିଲମ୍ବିତ ପରେ ଅସନ୍ତୁଷ୍ଟ ବିଜେଡି ତଥା ଅଶୋକଙ୍କ ଅନୁଗାମୀ ମାନେ ଭାଜପା ସହିତ ହାତ ମିଳାଇ ପରିବର୍ତ୍ତନ ସାମୁଖ୍ୟ ଗଠନ କରି ଭାଜପାକୁ ୪ଟି ଯାକ ଜିଲାପରିଷଦ ପଦରେ ବିଜୟୀ କରିବା ସହିତ ଅଶୋକ ନାୟକଙ୍କୁ ଦ୍ୱିତୀୟ ବାର ଧାମନଗର ବ୍ଲକ ଅଧକ୍ଷ ଭାବେ ବସାଇଥିଲେ। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଅସନ୍ତୁଷ୍ଟ ବିଜେଡି କର୍ମୀମାନେ ପୁଣି ଆଗାମୀ ନିର୍ବାଚନରେ ବିଧାୟକଙ୍କୁ ବିରୋଧ କରିବା ନେଇ ଧାମନଗରରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ବିଜେଡି ବ୍ଲକ ଉପ ସଭାପତି ରାମଚନ୍ଦ୍ର ସାହୁ,ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅସନ୍ତୁଷ୍ଟ ବିଜେଡି କର୍ମୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୮/୨୦୧୮ Balasore, Tuesday, September 18/ 2018

## ସଂକ୍ଷେପରେ

### କୋଇଲା ଚୋରି ବେଳେ ଧରାପଡ଼ିଲେ, ଜଣେ ଫେରାର

ପଦ୍ମପୁର,୧୭।୯(ଡି.ଏନ.ଏ.): ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡି ପୋଲିସ ସୋମବାର ସନ୍ଧ୍ୟାରେ ଇଚ୍ଛାପୁର-ବାଲିବିଲ ନିକଟସ୍ଥ ଟ୍ରେନ ଧାରଣା ନିକଟରୁ ଜଣେ କୋଇଲା ଚୋରଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବାଲିବିଲ ଗ୍ରାମର ଅରୁଣ ମଳିକ। ଏ ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୪୪୦/୧୮) ରୁଜୁ ହୋଇଛି। ଅରୁଣ ଓ ଅନ୍ୟ ଜଣେ ମହିଳା କୋଇଲା ଚୋରି କରୁଥିବା ବେଳେ ସାବରଙ୍ଗ ଫାଣ୍ଡିର କନଷ୍ଟେବଲ ଗଗନ ସେନ, ରଜତ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ସେମାନେ ଧାନବିଲରେ ପଶି ଦୌଡ଼ି ପଳାଇ ଯାଉଥିବା ବେଳେ ପୋଲିସ ପିଛା କରି ଅରୁଣଙ୍କୁ ବାଲିବିଲଠାରୁ ଗିରଫ କରିଥିଲା। ମହିଳା ଜଣଙ୍କ ଖସି ପଳାଇଥିବା ପୋଲିସ କହିଛି।

# ଗୁଣିଗାରେଡ଼ି ସନ୍ଦେହରେ ୭ଜଣଙ୍କୁ ନିସ୍ତୁକ ମାଡ଼

■ଗାଁମୁଣ୍ଡରେ ଅଣଓଡ଼ିଆ ଦେଖି ଲୋକେ ଭୟଭୀତ

■ଗାଡ଼ି ଡ୍ରାଇଭର, ଜଣେ ଯୁବକ ଫେରାର

ସଜନାଗଡ଼, ୧୭।୯(ଡି.ଏନ.ଏ.)

ରବିବାର ରାତି ପ୍ରାୟ ସାଢ଼େ ୧୦ଟା ବେଳେ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ କାନପୁର ଗାଁ ମୁଣ୍ଡରେ ୭ଜଣ ଯୁବକ ଏକ ଇନୋଭା ଗାଡି ରଖି ହିନ୍ଦୀ ଭାଷାରେ କଥା ହେଉଥିଲେ। ଗ୍ରାମବାସୀ ସେମାନଙ୍କୁ ଗୁଣିଗାରେଡ଼ି କରୁଥିବା ସନ୍ଦେହ କରି ନିସ୍ତୁକ ମାଡ଼ ମାରିଥିଲେ। ଏହି ଯୁବକମାନଙ୍କ ମଧ୍ୟରେ ୪ଜଣ ଅଣଓଡ଼ିଆ ହୋଇଥିବା ବେଳେ ଜଣେ ଦିଲ୍ଲୀ ବାସିନ୍ଦା, ଜଣେ ଢେଙ୍କାନାଳ ଓ ଆଉ ଜଣେ ବାଲେଶ୍ୱର ଜିଲାର ବୋଲି ଜଣାପଡିଛି। ଏହି ଯୁବକମାନେ ହନୁମାନଙ୍କ ଦର୍ଶନ ପାଇଁ ଆସିଥିବା କହିବା ପରେ ଲୋକେ ନୀଳଗିରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ବେଳକୁ ଘଟଣାସ୍ଥଳରୁ ଡ୍ରାଇଭର ଏବଂ ଦିଲ୍ଲୀ ବାସିନ୍ଦା ଓଡିଆ ଯୁବକଜଣକ ସେଠାରୁ କୌଶଳକ୍ରମେ ଖସି ପଳାଇଥିଲେ। ପୋଲିସ ୪ଜଣ ଅଣଓଡ଼ିଆଙ୍କ ସମେତ ୬ ଜଣଙ୍କୁ ନେଇ ଥାନାରେ ଅଟକ ରଖିଛି।

ଏହି ଯୁବକମାନେ ହେଲେ ଦକ୍ଷିଣ-ପଶ୍ଚିମ-ଦିଲ୍ଲୀ ରୋହିତ ଆପାର୍ଟମେଣ୍ଟରେ ରହୁଥିବା ସତ୍ୟଶିବ ପଟ୍ଟନାୟକ, ହରିଆଣାର ସୋନିପତ୍ ଜିଲା ଖାନ୍‌ପୁରକଳା ଥାନା କାସିନ୍ଦା ଗ୍ରାମର ରାଜକୁମାର ସିଂ, ପୁରୁଣାଦିଲ୍ଲୀର ଆଦର୍ଶ ନଗର ଥାନା ଅଧୀନ ଭାଡ଼େଲା ଗ୍ରାମର ରାଜକୁମାର, ଦିଲ୍ଲୀର ମହିନ୍ଦ୍ରା ପାର୍କ ଥାନା ଅଧୀନ ସରାଇପିପାଲ ଅଞ୍ଚଳର ନରେଶ କୁମାର, ନୂଆଦିଲ୍ଲୀ ବିଷ୍ଣୁ ଗାର୍ଡ଼େନ୍ ଅଞ୍ଚଳର କାନ୍‌ୱାରଜିତ୍ ସିଂ, ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପଙ୍ଗାତିରା ଗ୍ରାମର ଦୀପକ ବେହେରା ଓ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ନରହରିପୁର ଗ୍ରାମର ମନ୍ମଥ ମଲିକ। ଏମାନଙ୍କ ମଧ୍ୟରୁ ସତ୍ୟଶିବ ପଟ୍ଟନାୟକ ଫେରାର ହୋଇଯାଇଛନ୍ତି। ଅଟକ ୬ଜଣଙ୍କ ବୟାନକୁ ଭିତ୍ତି କରି ପୋଲିସ ଜଗନ୍ନାଥ ମନ୍ଦିର ସାମ୍ନା ରାସ୍ତାରୁ କେନ୍ଦ୍ରାପଡ଼ା ଜିଲା ଡଙ୍ଗମାଳ ଗ୍ରାମର ଓମ୍‌କାର ନାଥ ବ୍ରହ୍ମଚାରୀଙ୍କୁ ଥାନାକୁ ଆଣି ଅଟକ ରଖିଛି। ସୋମବାର ସକାଳେ ଆଇଆଇସି ଅଟକ ଯୁବକଙ୍କ ମଧ୍ୟରୁ ଜଣଙ୍କୁ ବାଲେଶ୍ୱର ନେଇ ଅନୁସନ୍ଧାନ ଆରମ୍ଭ କରିଥିଲେ। ସେଠାରେ ଜଣାପଡିଥିଲା ଯେ, ରବିବାର ରାଜଧାନୀ ଏକ୍ସପ୍ରେସ୍‌ରେ ୭ଜଣ ଅଣଓଡ଼ିଆ ବାଲେଶ୍ୱର ଆସି ସତ୍ୟଶିବଙ୍କ ନାମରେ ହୋଟେଲ ହରିପ୍ଲାଜାରେ ୩ଟି ରୁମ୍ ସୋମବାର ପର୍ଯ୍ୟନ୍ତ ବୁକ୍ କରିଥିଲେ। ରାତି ୧୧ଟା ୪୫ମିନିଟ୍ ସମୟରେ ୭ଜଣଙ୍କର ଲଗେଜ୍ ସହ ୩ଜଣ ଅଣଓଡ଼ିଆ ହୋଟେଲ୍ ମ୍ୟାନେଜର୍‌ଙ୍କୁ ବାରିପଦାରେ ଜରୁରୀ କାମ ଅଛି କହି ଚେକ୍‌ଆଉଟ୍ କରି ରୁମ୍ ଛାଡ଼ି ଦେଇଥିଲେ।

ତେବେ ଗାଁଲୋକ ଥାନାଧିକାରୀଙ୍କୁ ୬ଜଣଙ୍କ ଜିମା ଦେବାର ୧ଘଣ୍ଟା ପରେ ଅନ୍ୟ ୩ଜଣ ରୁମ୍ ଛାଡ଼ିଦେବା ଏବଂ ଡ୍ରାଇଭର ଫେରାର ହୋଇଯିବା ଘଟଣାକୁ ଅଧିକ ରହସ୍ୟମୟ କରିଛି। ତେବେ ଏମାନେ ଗୁଣିଗାରେଡ଼ି ପାଇଁ ଆସିଥିଲେ ନା ହନୁମାନ ମୂର୍ତ୍ତି ଚୋରି ଉଦ୍ଦେଶ୍ୟରେ ଆସିଥିଲେ ଏହାକୁ ନେଇ ନୀଳଗିରିରେ ଚର୍ଚ୍ଚା ଜୋର୍ ଧରିଛି। ଏ ବିଷୟରେ ପୋଲିସକୁ ଯୋଗାଯୋଗ କରାଯିବାରୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି କୌଣସି ମତ ଦେବାକୁ ମନା କରିଛନ୍ତି।

■ ଇଞ୍ଜିନିୟରିଂ କଲେଜ ଦୁର୍ନୀତି ମାମଲା

# ତଦନ୍ତରେ ବିଳମ୍ବ ନେଇ ଅସନ୍ତୋଷ



ଜିଲାପାଳଙ୍କ କାର୍ଯ୍ୟାଳୟରେ ସାମାଜିକ କର୍ମୀମାନେ।

■ବିତିଗଲାଣି ୩ବର୍ଷ

■ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

■ଏସ୍‌ପି ଓ ଜିଲାପାଳଙ୍କୁ ଭେଟିଲେ ପ୍ରତିନିଧି ଦଳ

ଭଦ୍ରକ ଅଫିସ,୧୭।୯

ବରପଦା ଇଞ୍ଜିନିୟରିଂ କଲେଜରେ ହୋଇଥିବା ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିର ବିଧିବଦ୍ଧ ତଦନ୍ତ ଲାଗି କର୍ମଚାରୀ ତଥା ସାମାଜିକ କର୍ମୀମାନେ ଦାବି କରିଆସୁଛନ୍ତି। ଉକ୍ତ ଘଟଣାକୁ ୩ ବର୍ଷ ବିତିଗଲାଣି। ଏନେଇ ପୂର୍ବରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା, ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ କରାଯାଉନାହିଁ। ସୋମବାର ସ୍ଥାନୀୟ ସାମାଜିକ କର୍ମୀ ତଥା ଏହି ଘଟଣାର ଏତଲାକାରୀ ବିକାଶ ଜେନାଙ୍କ ନେତୃତ୍ୱରେ ରାକେଶ ପଣ୍ଡା, ନବକିଶୋର ସିଂ, ସୁରେଶ ମହାପାତ୍ର, ସାଇଗୋପୀନାଥ ପଣ୍ଡା, ଅକ୍ଷୟ ସେନାପତି ପ୍ରମୁଖ ଏସପି ରାଜେଶ ପଣ୍ଡିତ ଓ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଭେଟି ଏହି ଘଟଣାର ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଜଣେ ମନ୍ତ୍ରୀ ଓ ତାଙ୍କ ପୁଅଙ୍କ ଦ୍ୱାରା ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ-୧୮୬୦ର ବିଭିନ୍ନ ଧାରାକୁ ଖୋଲାଖୋଲି ଉଲ୍ଲଂଘନ କରି ପ୍ରାୟ ୧୦୦ କୋଟି ଟଙ୍କାର ମୂଲ୍ୟବାନ ଜମି, କୋଠାବାଡ଼ି, ଏସି, ମୂଲ୍ୟବାନ ସୌଖୀନ ଗାଡ଼ି , କମ୍ପ୍ୟୁଟର, ଜେନେରେଟର ଇତ୍ୟାଦି ବିକ୍ରି କରାଯାଇଛି। ସେହି ଟଙ୍କା କଲେଜର ତହବିଲକୁ ନ ଆସିବା ଦ୍ୱାରା କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୫ ରୁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଏକ ତିନିଜଣିଆ ମଧ୍ୟବର୍ତ୍ତୀ କାଳୀନ ପରିଚାଳନା କମିଟି ଗଠନ କରି ଜିଲାପାଳଙ୍କୁ କମିଟିର ଚେୟାରମ୍ୟାନ ଦାୟିତ୍ୱ ଦିଆଯାଇ ଅନୁଷ୍ଠାନ ପରିଚାଳନା ହୋଇଆସୁଛି । ଦୁର୍ନୀତି ସମ୍ପର୍କିତ ପ୍ରାୟ ୪୮୬ ପୃଷ୍ଠାର କାଗଜପତ୍ର ପୋଲିସ ନିକଟରେ କଲେଜ ତରଫରୁ ଦାଖଲ କରାଯାଇଥିଲେ ମଧ୍ୟ ପୋଲିସ ତଦନ୍ତରେ କୌଣସି ଆଗ୍ରହ ପ୍ରକାଶ କରୁନାହିଁ କିମ୍ବା ଚାର୍ଜସିଟ୍ ଦାଖଲ କରୁନାହିଁ । ଲୁଟ୍ ହୋଇଥିବା ସମ୍ପତ୍ତିର ପୁନରୁଦ୍ଧାର ନ ହୋଇପାରିବା ଫଳରେ କଲେଜର ପରିଚାଳନା ଏବଂ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଏସପି ରାଜେଶ ପଣ୍ଡିତ ମିଳିତ ଅଭିଯୋଗ ଶୁଣାଣିରେ ଘଟଣାର ତଦନ୍ତ କରାଯିବ ବୋଲି ଏହି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି।

# ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ ଅଭିଯୋଗ

ବନ୍ତ,୧୭।୯(ସ୍ୱ.ପ୍ର.)

ଭଦ୍ରକ ଜିଲା ବ୍ଲକ ମହାନ୍ତିପଡା ପଞ୍ଚାୟତ କୁଣ୍ଡି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କ ବିରୋଧରେ ଅଭିଭାବକମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ଗଣେଶ ପୂଜା ଉପଲକ୍ଷେ ପିଲା ମାନଙ୍କ ଠାରୁ ୧୦ ଟଙ୍କା କରି ଚାନ୍ଦା ଆଦାୟ କରିଥିଲେ । ପୂଜା ଦିନ ଗଣେଶ ପୂଜା ତ ଦୂରର କଥା କେନ୍ଦ୍ରରେ ତାଲା ପଡିଥିବାରୁ ପିଲା ମାନେ ଘରକୁ ଫେରି ଆସିଥିଲେ । ଏବିଷୟରେ ଅଭିଭାବକ ମାନେ ଅଙ୍ଗନୱାଡି କର୍ମୀଙ୍କ ଘରକୁ ଯାଇ ପଚାରିବାରୁ ସେ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି । ସେହିପରି ପିଲା ମାନଙ୍କ ଅଣ୍ଡା ବାରିରେ ଜାଣିଶୁଣି ବ୍ଲକରେ ଟ୍ରେନିଂ ଅଛି କହି କେନ୍ଦ୍ର ବନ୍ଦ ରଖିବାରୁ ପିଲା ମାନେ ଅଣ୍ଡା ଖାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। କେନ୍ଦ୍ରକୁ ମିଳିଥିବା ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଅଙ୍ଗନୱାଡ଼ି ଗୃହରେ ନ ରଖି ନିଜ ଘରେ ରଖୁଥିବା ଅଭିଯୋଗ କରାଯାଇଛି । ଅଭିଯୋଗର ତଦନ୍ତ ପାଇଁ ଗ୍ରାମର ଅଭିଭାବକ ସୁକାନ୍ତି ସାହୁ, ବାଦଲ ପଲେଇ, ଅକ୍ଷୟ ସାହୁ, ନିରାକାର ସାହୁ, ପ୍ରଭାସିନୀ ସାହୁ, ବାପି ପୃଷ୍ଟି, ତିଲୋତ୍ତମା ପୃଷ୍ଟି, ଜ୍ୟୋସ୍ନାରାଣୀ ମହାରଣା, ମଞ୍ଜୁଲତା ପାଢୀ, ଝରଣା ସାହୁ ପ୍ରମୁଖ ଦାବି କରିଛନ୍ତି। ଅଭିଯୋଗ ବିଷୟରେ ଅଙ୍ଗନୱାଡି କର୍ମୀ ସୁଶୀଳା ପଣ୍ଡା କହିଛନ୍ତି ଏସବୁ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଛି।

# ବିଦ୍ୟୁତ୍ ନେଲା ୨ ଜୀବନ

ବସ୍ତା/ରୂପସା, ୧୭।୯(ସ୍ୱ.ପ୍ର./ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ପୃଥକ ସ୍ଥାନରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଜଣ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଦୁଧହଂସା ପଞ୍ଚାୟତ ଜନ୍ତିକାପାଳ ଗ୍ରାମର ଯୁବକ ହେମନ୍ତ କୁମାର ମହତା (୨୭) ଓ ଭଗିଚକୁରାଇ ଗ୍ରାମର ଲକ୍ଷ୍ମୀଧର ଦାସ (୬୧)। ହେମନ୍ତ ଘରେ ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପରିବାର ଲୋକେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୧୮) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ହୋଇଛି। ସେହିପରି ଲକ୍ଷ୍ମୀଧର ଘରେ ପୂଜା ପାଇଁ ବ୍ୟସ୍ତ ଥିବା ବେଳେ ଅସାବଧାନତା ବଶତଃ ବିଦ୍ୟୁତ୍ ତା'ର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଷ ପିଇ ଦମ୍ପତିଙ୍କ ଆତ୍ମହତ୍ୟା

**କେନ୍ଦୁଝର, ୧୭।୯(ସ୍ୱ.ପ୍ର.):** ସଦର ଥାନା ଆହାରପଣି ସୀମାର ଜଙ୍ଗଲସାହିରେ ରବିବାର ରାତିରେ ବିଷ ପିଇ ଏକ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ଏ ନେଇ ସମ୍ପୃକ୍ତ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ ଅସୁବିଧାରେ ଚଳୁଥିଲେ। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ପ୍ରାୟ କଳହ ଲାଗିରହୁଥିଲା ବୋଲି ଲୋକେ କୁହାକୁହି ହେଉଛନ୍ତି। ସେମାନେ ହେଲେ ସ୍ୱାମୀ କୃଷ୍ଣ ନାଏକ (୪୦) ଏବଂ ସ୍ତ୍ରୀ ଶକୁନ୍ତଳା ନାଏକ (୩୫)। ସେମାନଙ୍କ ୩ ସନ୍ତାନ ଅଛନ୍ତି। ସେମାନଙ୍କ ବୟସ ୧୨ରୁ ୧୫ ବର୍ଷ। ପିଲାମାନଙ୍କୁ ମାମୁଘର କାଳୀସୁଇଁ ଗ୍ରାମକୁ ପଠାଇ ଦେଇଥିଲେ। ପିଲାମାନେ ଘରକୁ ଫେରି ସେମାନଙ୍କ ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ସ୍ମୃତିରାଣୀ ପରିଡ଼ା କହିଛନ୍ତି।

### ଜ୍ୱାଇଁଙ୍କ ମୃତଦେହ ଉଦ୍ଧାର

**ତେଲକୋଇ, ୧୭।୯(ଡି.ଏନ.ଏ.)-** ତେଲକୋଇ ଥାନା ନୂଆଁଡିହ ଗ୍ରାମର ଛଚନା ଜଙ୍ଗଲରେ ଢେଙ୍କାନାଳ ଜିଲା ପର୍ଜଙ୍ଗ ଅଧୀନ କାଦପଡ଼ା ଗ୍ରାମର ଶୁରେଶ ସାହୁ (୪୩)ଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ନୂଆଁଡିହ ଗ୍ରାମର ସଞ୍ଜୟ ସାହୁଙ୍କ ବଡ ଝିଅଙ୍କୁ ଶୁରେଶ ବିବାହ କରିଥିଲେ। ଗତ ୩ ଦିନ ହେବ ସେ ଶ୍ୱଶୁର ଘରକୁ ଆସିଥିଲେ। ରବିବାର ରାତିରେ ସେ ଖାଇ ସାରି କେଉଁଆଡେ ପଳାଇଯାଇଥିଲେ। ଶ୍ୱଶୁର ଘର ଲୋକେ ଖୋଜା ତାଙ୍କୁ ପାଇ ନ ଥିଲେ। ସୋମବାର ଶ୍ୱଶୁର ଘରର ପଛପଟେ ଥିବା ଛଚନା ଜଙ୍ଗଲରୁ ଶୁରେଶଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ଶୁରେଶ ଚେନ୍ନାଇରେ କାମ କରି ଫେରିଥିଲେ। ସେଠାରେ ଏକ ଘଟଣାକ୍ରମରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ନେଇ ସେ ସବୁବେଳେ ଭୟଭୀତ ହୋଇ ରହୁଥିଲେ ବୋଲି ତାଙ୍କ ଶାଶୁ ଲିତାଞ୍ଜଳି ସାହୁ ସୂଚନା ଦେଇଛନ୍ତି।

### ବଜ୍ରପାତରେ ୩ ଗୋରୁ, ୨ ମେଣ୍ଢା ମୃତ

**ପାଟଣା,୧୭।୯(ସ୍ୱ.ପ୍ର.):** ପାଟଣା ବ୍ଲକ ପଲାଶିଘାଟି ପଞ୍ଚାୟତ ଜମୁଲେଇ ବେଡ଼ା ଗ୍ରାମରେ ସୋମବାର ବଜ୍ରପାତରେ ୩ ଗୋରୁ ସମେତ ୨ ମେଣ୍ଢାଙ୍କର ମୃତ୍ୟୁ ଘଟିଛି। ପପିତନ ମୁଣ୍ଡା, ଉଦୟ ନାଥ ମୁଣ୍ଡା ଓ ଲକ୍ଷଣ ମହାନ୍ତଙ୍କ ଗୋରୁଙ୍କ ମୃତ୍ୟୁ ଘଟିଛି। ଏଥିସହ ୨ ମେଣ୍ଢାଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। କ୍ଷତିଗ୍ରସ୍ତଙ୍କୁ କ୍ଷତି ପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଟ୍ରକ୍-ବାଇକ୍ ଧକ୍କା: ଜଣେ ଆହତ

**ଢେଙ୍କିକୋଟ, ୧୭।୯(ଡି.ଏନ୍.ଏ.):** ଢେଙ୍କିକୋଟ ଫାଣ୍ଡି ୨୦ ନମ୍ବର ଜାତୀୟ ରାଜପଥ ବରବେଡ଼ା ଗ୍ରାମ ନିକଟରେ ସୋମବାର ଅପରାହ୍ନରେ ଏକ ବାଇକ୍ ସହ ଟ୍ରକ୍ ଧକ୍କା ହେବାରୁ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ବରବେଡ଼ା ଗ୍ରାମର ପିଣ୍ଟୁ ନାୟକ। ଘଟଗାଁରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ ୧୨ ଚକିଆ ଟ୍ରକ୍ ସହ ଢେଙ୍କିକୋଟ ବଜାରରୁ ନିଜ ଘରକୁ ଫେରୁଥିବା ପିଣ୍ଟୁଙ୍କ ବାଇକ୍ ଧକ୍କା ହୋଇଥିଲା। ପିଣ୍ଟୁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବର ପାଇ ଘଟଗାଁ ଥାନା ସବ୍‌ଇନ୍ସପେକ୍ଟର ପ୍ରୀତିରଞ୍ଜନ ପରିଡ଼ା ଏବଂ ଢେଙ୍କିକୋଟ ଫାଣ୍ଡି ପୋଲିସ ପହଞ୍ଚି ଗୁରୁତର ଆହତ ପିଣ୍ଟୁଙ୍କୁ ଆମ୍ବୁଲାନ୍ସ ଯୋଗେ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ବାଇକ୍ ଚାଳକ ଗୁରୁତର

**ତେଲକୋଇ, ୧୭।୯(ଡି.ଏନ.ଏ.):** ତେଲକୋଇ ବ୍ଲକ ହନୁମତିଆ ପୋଲଠାରେ ଜଣେ ମୋଟରସାଇକେଲ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏଥିରେ ସେ ଗୁରୁତର ହୋଇଛନ୍ତି। ସେ ହେଲେ ଉମାକାନ୍ତ ବେହେରା (୪୦)। ତାଙ୍କ ଘର କନ୍ତଲେଇ ଗ୍ରାମରେ। ପୋଲିସ ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଛି।

■ ଗଣଶିକ୍ଷା ମନ୍ତ୍ରୀଙ୍କ ଗାଡ଼ିକୁ ଢେଲାମାଡ଼ ଘଟଣା

# ରାସ୍ତାରୋକୋ, ଥାନା ଘେରାଉ

**ଆନନ୍ଦପୁର/ କେନ୍ଦୁଝର/ ପାଟଣା, ୧୭।୯(ସ୍ୱ.ପ୍ର.)**

■ ଅଭିଯୁକ୍ତଙ୍କ ଗିରଫ ଦାବି

■ ସମର୍ଥକଙ୍କ ବିକ୍ଷୋଭ

■ ପୋଲିସ ହାତ ଖାଲି

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଗାଡ଼ି ଉପରକୁ ଢେଲା ମାଡ଼ ଘଟଣାରେ ପ୍ରତିବାଦ ତେଜିବାରେ ଲାଗିଛି। କେନ୍ଦୁଝର ଜିଲାର ଘଷିପୁରା, ହରିଚନ୍ଦନପୁର, ପଣ୍ଡାପଡ଼ା, ଘଟଗାଁ, ପାଟଣା, ସଦର ଆଦି ଥାନା ଅଞ୍ଚଳରେ ମନ୍ତ୍ରୀଙ୍କ ସମର୍ଥକମାନଙ୍କ ପକ୍ଷରୁ ରାସ୍ତା ଅବରୋଧ, ଆନ୍ଦୋଳନ ଓ ଥାନା ଘେରାଉ କରାଯାଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ମନ୍ତ୍ରୀଙ୍କ ଅନୁରୋଧକ୍ରମେ ଆନ୍ଦୋଳନ ବନ୍ଦ ରହିଛି। ଉତ୍ୟକ୍ତ କର୍ମୀ ଓ ସମର୍ଥକମାନେ ୪୯ ଓ ୨୦ ନମ୍ବର ଜାତୀୟ ରାଜପଥ ସହ ନରଣପୁର-ଡୁବୁରି, ପାଟଣା-ସାହାରପଡା ଆଦି ରାସ୍ତା ଅବରୋଧ କରିଥିଲେ। ପୋଲିସ ପ୍ରଶାସନ ପଦକ୍ଷେପ ନ ନେଲେ ତାହା ହିଂସାକାଣ୍ଡର ରୂପ ନେବା ଆଶଙ୍କା କରାଯାଉଛି। ନିର୍ବାଚନ ଯେତିକି ପାଖେଇ ଆସୁଛି ଘଷିପୁରା ନିର୍ବାଚନମଣ୍ଡଳୀରେ ପ୍ରାକ୍ ରାଜନୈତିକ ଗଣ୍ଡଗୋଳ ଓ ହିଂସାକାଣ୍ଡ ବୃଦ୍ଧି ପାଉଛି। କେନ୍ଦୁଝର ପୋଲିସ ପକ୍ଷରୁ ଘଷିପୁରା ଥାନାରେ ଏକ ମାମଲା ରୁଜୁ ହୋଇ ଘଟଣାର ଅନୁସନ୍ଧାନ ଚାଲିଛି। ଗଣେଶ ଠାକୁର ବିସର୍ଜନରେ ସାମିଲ ହୋଇଥିବା ୬ ଡିଜେ ଗାଡ଼ିକୁ ପୋଲିସ ଜବତ କରିଛି। ଘଷିପୁରା ନିର୍ବାଚନ ମଣ୍ଡଳୀରେ ମନ୍ତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ମନ୍ତ୍ରୀଙ୍କୁ ସୁରକ୍ଷା ଦେଇପାରିଲା ନାହିଁ। ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବ କରୁଥିବା ପ୍ରତିବାଦରେ ଘଷିପୁରା ଥାନାକୁ ବିଜେଡି ପକ୍ଷରୁ ଘେରାଉ କରାଯାଇଥିଲା। ଘଷିପୁରା ବ୍ଲକ ବେଲବାହାଳିଠାରେ ସେତୁ ନିର୍ମାଣକୁ ନେଇ ବିବାଦ ଲାଗିରହିଛି। ଉକ୍ତ ଅଞ୍ଚଳରେ ସର୍ବଦା ଆନ୍ଦୋଳନ ହୋଇଆସୁଛି। ଏଭଳି ପରିସ୍ଥିତିରେ ବିନା ଏସ୍କର୍ଟ ବା ସୁରକ୍ଷା ବ୍ୟବସ୍ଥାରେ ମନ୍ତ୍ରୀ କିପରି ଉକ୍ତ ରାସ୍ତାରେ ଯାଉଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଆନନ୍ଦପୁର ଏସ୍‌ଡିପିଓ ମହେଶ୍ୱର ସେଠୀଙ୍କୁ ପଚାରିବାରୁ ଦୁଇ ଦିନ ମଧ୍ୟରେ ଦୋଷୀଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ଘଟଣାରେ ଏମ୍‌ପିଙ୍କ ପ୍ରତିନିଧି ଦେବପ୍ରିୟ ପାତ୍ର କହିଛନ୍ତି, ଘଷିପୁରା



ଘସିପୁରା ଥାନା ଆଗରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟ୍ରାଫିକ୍ ଜାମ୍ ହେବା ଘଟଣା ସମ୍ପର୍କରେ ମନ୍ତ୍ରୀ ଘଷିପୁରା ଥାନା ଅଧିକାରୀ ଏବଂ ଆନନ୍ଦପୁର ଏସ୍‌ଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା। ଫଳରେ ଏଭଳି ଘଟଣାର ପ୍ରତିଫଳନ ହୋଇଛି।

ସୂଚନାଯୋଗ୍ୟ, ମନ୍ତ୍ରୀ ପାତ୍ର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଘଷିପୁରା ବ୍ଲକ ଗଡ଼ବାନ୍ଧଗୋଡାସ୍ଥିତ ନିଜ ବାସଭବନକୁ ସନ୍ଧ୍ୟା ୮ଟା ୪୫ ମିନିଟରେ ଫେରୁଥିଲେ। ସେହି ସମୟରେ ୨୦ନଂ. ଜାତୀୟ ରାଜପଥର ବେଲବାହାଳି ବଜାର ଉପରେ ଗଣେଶ ଭସାଣିରେ ଟ୍ରାଫିକ୍ ଜାମ୍ ଯୋଗୁ ଦୀର୍ଘ ଅଧ ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥିଲା। ଏହାର ସୁଯୋଗରେ ବେଲବାହାଳି ଓ ଆଖପାଖ ଅଞ୍ଚଳର କିଛି ଦୁର୍ବୃତ୍ତ ମନ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ବେଲବାହାଳି ବଜାର ମୁଣ୍ଡରୁ ୫୦ ମିଟର ରାସ୍ତାର ଭିଡ଼ ଅତିକ୍ରମ କରିବା ପରେ ବଜାରର ଟୋଲଙ୍କ ପଡା ଛକଠାରେ ଦୁର୍ବୃତ୍ତମାନେ ବଡ଼ ବଡ଼ ଢେଲା ମନ୍ତ୍ରୀ ବସିଥିବା ଗାଡ଼ି ଉପକୁ ଫିଙ୍ଗିଥିଲେ। ଏଥିରେ ଗାଡ଼ିର ପଛ କାଚ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା।

ବିନା ଅନୁମତିରେ ଭସାଣି ଶୋଭାଯାତ୍ରା କିପରି ହେଉଛି। ତାହାକୁ ନେଇ ବଡ଼ ପ୍ରଶ୍ନ ଠିଆହୋଇଛି। ଭସାଣି ଶୋଭାଯାତ୍ରାରେ କୌଣସି ପୋଲିସ ଉପସ୍ଥିତ ନ ଥିବା ନେଇ ଖୋଦ୍ ମନ୍ତ୍ରୀ ଘଟଣା ଦିନ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ପାଟଣା ଯୁବ ବିଜେଡି ସଭାପତି ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ବ୍ଲକ ବିଜେଡି ଉପସଭାପତି ନବକିଶୋର ପୃଷ୍ଟି, ବରିଷ୍ଠ କର୍ମୀ ନିତ୍ୟାନନ୍ଦ ମହାନ୍ତ, ବାବି ଲାଲ ସାହୁ, ମିତ୍ରଭାନୁ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ ପ୍ରମୁଖ ରାସ୍ତାରୋକୋରେ ସାମିଲ ହୋଇଥିଲେ।

### ଭାଲୁ ମୁହଁରେ ଜୀବନ ଗଲା

**କେନ୍ଦୁଝର, ୧୭।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଭାଲୁ ଆକ୍ରମଣରେ ସୋମବାର ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ମଙ୍ଗଲୁ ମୁଣ୍ଡା (୫୫)। ଏକ ସପ୍ତାହ ମଧ୍ୟରେ ଭାଲୁ ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ଘଟିଲାଣି। ଫଳରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେମାନଙ୍କ ଘର ହରିଚନ୍ଦନପୁର ବ୍ଲକ ବୁଢ଼ାଖମଣ ପଞ୍ଚାୟତ ଜଂଘିରା ସେକ୍ସନ ହାତୀମରା ଗ୍ରାମ। ସକାଳେ ମଙ୍ଗଲୁ ଓ ଭରତ ମୁଣ୍ଡା, ଶୁକଦେବ ମୁଣ୍ଡା, ମାଗୁଣୀ ମୁଣ୍ଡା ଛତୁ ଆଣିବାକୁ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ। ସେଠାରେ ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ମଙ୍ଗଲୁଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟମାନେ ଭୟରେ ଦୌଡି ପଳାଇ ଯାଇଥିଲେ। ଖବର ପାଇ ସଦର ରେଞ୍ଜର ଅନ୍ତର୍ଯ୍ୟାମୀ ବେହେରାଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

### ବାରିକେଡରେ ପିଟି ହୋଇ ଆହତ

**କେନ୍ଦୁଝର, ୧୭।୯(ସ୍ୱ.ପ୍ର.)**

ଚମ୍ପୁଆ ଥାନା ଅର୍ଶଳା କଲେଜ ଛକ ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ଥିବା ବାରିକେଡରେ ପିଟି ହୋଇ ଜଣେ ବ୍ୟକ୍ତି ଆହତ ହୋଇଛି। ତାଙ୍କ ନାମ ରାମ ଗୁଡ୍ଡୁ। ଅର୍ଶଳା ଗ୍ରାମବାସୀ ତାଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ତତ୍ପରତା

**ଆନନ୍ଦପୁର, ୧୭।୯(ସ୍ୱ.ପ୍ର.)**

ଆନନ୍ଦପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନେଇ ସୂଚନା ମିଳିଥିଲା। ଉକ୍ତ ଘଟଣାରେ ସ୍ଥାନୀୟ ସମାଜସେବୀ ଶୈଳେଶ ପଟ୍ଟନାୟକ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ଆନନ୍ଦପୁରରୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ଦିଆଯାଇଥିବା କାରଣର କୌଣସି ସତ୍ୟତା ନ ଥିବା ଅନୁଭବ କରିଥିଲେ। ଆନନ୍ଦପୁର ମାଟିରେ କେନ୍ଦ୍ରୀୟ ବିଦ୍ୟାଳୟ ହେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଯେଉଁ ଖୁସି ପ୍ରକାଶ ପାଇଥିଲା, ସେଥିରେ ଭଙ୍ଗା ପଡିଥିଲା। ଫଳରେ ସ୍ଥାନୀୟ ମା’ ଧନେଇ କମିଟିର ଆହ୍ୱାନରେ ଗଣେଶ ପୂଜା ଅବସରରେ ଏକ ମେଳି ହୋଇଥିଲା। କେନ୍ଦ୍ରୀୟ



ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନ ପରିଦର୍ଶନ କରାଯାଉଛି।

ବିଦ୍ୟାଳୟ ଦାବିରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ। ସ୍ଥାନୀୟ ପ୍ରଶାସନ ଏଥିଲାଗି ପଦକ୍ଷେପ ନେବା ଆରମ୍ଭ କରିଥିବା ଦେଖାଯାଇଛି।

ଆନନ୍ଦପୁର ଉପଜିଲାପାଳ, ତହସିଲଦାର ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନ ପରିଦର୍ଶନ କରି ଫିଜିବିଲିଟି ରିପୋର୍ଟ ଯାଞ୍ଚ କରିଥିଲେ। ପରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହେବା ନେଇ ଆନନ୍ଦପୁରରେ କୌଣସି ବି ପ୍ରତିବନ୍ଧକ ନ ଥିବା ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଥିବା ସର୍ତ୍ତାବଳୀ ପୂରଣ ହେଉଥିବା ନେଇ ଏକ ତଥ୍ୟ ଜିଲାପାଳଙ୍କ ନିକଟକୁ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

### ବ୍ଲକସ୍ତରୀୟ ଶିଳ୍ପ ବିପ୍ଳବ ସେମିନାର

**କେନ୍ଦୁଝର, ୧୭।୯(ସ୍ୱ.ପ୍ର.)**

ସୋମବାର ଅନୁଷ୍ଠିତ ବ୍ଲକସ୍ତରୀୟ ସେମିନାରରେ ମୋହନଦାସ କରମଚାନ୍ଦ ଗାନ୍ଧୀ ହାଇସ୍କୁଲ ଷଡ଼ଙ୍ଗୀର ଛାତ୍ରୀ ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି। ଶିଳ୍ପ ବିପ୍ଳବ- ଆମେ କ’ଣ ପ୍ରସ୍ତୁତ କି? ଶୀର୍ଷକ ସେମିନାରରେ ୧୦ମ ଶ୍ରେଣୀ ଛାତ୍ରୀ ଅର୍ପିତା ମଞ୍ଜରୀ ସାହୁ ଉଚ୍ଚକୋଟୀର ଉପସ୍ଥାପନା କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏ ନେଇ ତାଙ୍କ ଗାଇଡ୍ ତଥା ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ପାତ୍ର ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ସେମିନାରରେ ୨୧ଟି ସ୍କୁଲରୁ ୨୧ ଜଣ ଭାଗ ନେଇଥିଲେ। ଏହା ଚମ୍ପୁଆସ୍ଥିତ ମହତାବ ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମହାନ୍ତ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ସିଦ୍ଧାର୍ଥ ସାହୁ, ଗୌରହରି ଗିରି, କାଶୀନାଥ ମହାନ୍ତ ସେମିନାରର ସମୀକ୍ଷକ ଭାବେ ଯୋଗଦେଇଥିଲେ।

### ହାଇସ୍କୁଲ ପାଚେରି ଭୁଶୁଡ଼ିଲା

**ତେଲକୋଇ, ୧୭।୯(ଡି.ଏନ.ଏ.)**

ତେଲକୋଇ ବ୍ଲକ ଦେଉଳଡ଼ିହା ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ପାଚେରି ଭୁଶୁଡ଼ି ଛାତ୍ରୀଛାତ୍ରଙ୍କ ୫ଟି ସାଇକେଲ ଭାଙ୍ଗି ଯାଇଛି। ୨ଟି ଶୁଖିଲା ଗଛ ପଡିଯିବାରୁ ସ୍କୁଲ ଗୃହ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସୋମବାର ଝଡବର୍ଷା ପ୍ରବଳ ବେଗରେ ହୋଇଥିଲା। ଝଡ଼ବର୍ଷାରେ ହାଇସ୍କୁଲର ବ୍ୟାପକ କ୍ଷତି ହୋଇଛି। ସ୍କୁଲ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀକାରି ଚରଣ ସାହୁଙ୍କୁ ପଚାରିବାରୁ ଝଡ ତୋଫାନ ଯୋଗୁଁ ପାଚେରି ଭୁଶୁଡି ସାଇକେଲ ଭାଙ୍ଗି ଯାଇଛି।

■ ଉଲିବୁରୁ ହତ୍ୟା ଘଟଣା

## ୬ ବର୍ଷ ପରେ ୨ ଅଭିଯୁକ୍ତ ଗିରଫ



ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ।

**ବଡବିଲ, ୧୭।୯(ସ୍ୱ.ପ୍ର.)**

ବଡବିଲ ଥାନା ଉଲିବୁରୁ ଗ୍ରାମର ମହେନ୍ଦ୍ର ମୁଣ୍ଡାଙ୍କ ହତ୍ୟା ଘଟଣାର ସମ୍ପୃକ୍ତି ଅଭିଯୋଗରେ ଦୀର୍ଘ ୬ ବର୍ଷ ପରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ସୋମବାର ସ୍ଥାନୀୟ ପୋଲିସ ଝାଡଖଣ୍ଡ ଚାଇଁବସା ଥାନା ସରାଇକେଲା ଅଞ୍ଚଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉଲିବୁରୁ ଗ୍ରାମର କଚ୍ଛେ ମୁଣ୍ଡା ଓରଫ୍ ସୁକରାମ ଏବଂ ଝାଡଖଣ୍ଡ ପଶ୍ଚିମ ସିଂହଭୂମ୍ ଜିଲା ନୂଆମୁଣ୍ଡି ଥାନା ଗିତିଲୋର ଗ୍ରାମର ଡକ ମୁଣ୍ଡା ଓରଫ୍ ସୁରଲାମ। ଅଭିଯୁକ୍ତ ଦ୍ୱୟଙ୍କୁ ଡାକ୍ତରୀ ପରୀକ୍ଷା ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

୨୦୧୨ ମାର୍ଚ୍ଚ ୯ ରାତିରେ ଉଲିବୁରୁ ଗ୍ରାମର ମହେନ୍ଦ୍ରଙ୍କୁ ଦୁର୍ବୃତ୍ତମାନେ ହତ୍ୟାକରି ନିକଟ ଦୀପକ ଷ୍ଟିଲ ପ୍ଲାଣ୍ଟ ଚାରକୋଲ ଡମ୍ପିଂ ୟାର୍ଡରେ ଫୋପାଡି ଦେଇଥିଲେ। ଦୁଇ ଦିନ ପରେ ମହେନ୍ଦ୍ରଙ୍କ ମୃତଦେହ ମିଳିଥିଲା। ଏ ନେଇ ମହେନ୍ଦ୍ରଙ୍କ ପରିବାର ପକ୍ଷରୁ ବଡବିଲ ଥାନାରେ ଅଭିଯୋଗ ପରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ବଡବିଲ ପୋଲିସ ପୂର୍ବରୁ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଚକ୍ର ମୁଣ୍ଡା ଓରଫ ଏକ୍ରା ପୂର୍ତ୍ତି ଓ ଦଶରଥ ମୁଣ୍ଡା ଓରଫ ଟାକଲୁଙ୍କୁ ଗିରଫ କରିଥିଲା। ଅନ୍ୟ ୨ ଜଣ କଚ୍ଛେ ଓ ଡକ ଫେରାର ଥିଲେ।

## ଗୋଟିଏ ରାସ୍ତା କାମ ପାଇଁ ୨ ଫଳକ

**ତେଲକୋଇ, ୧୭।୯(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅଞ୍ଚଳରେ ଗୋଟିଏ ରାସ୍ତା କାମ ପାଇଁ ୨ଟି ଫଳକ ଲାଗିଛି। ଗ୍ରାମ୍ୟ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ କରାଯାଉଛି। ଏଥିରେ ବହୁ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଶିବନାରାୟଣପୁର ଗୋଡ଼ା ପଞ୍ଚାୟତ ଅଧୀନ ବିରିଦା ଗ୍ରାମରୁ ତମାଙ୍ଗ ପର୍ଯ୍ୟନ୍ତ ୩ କି.ମି. ୫ଶହ ମିଟର ରାସ୍ତାକାର୍ଯ୍ୟ ଆରମ୍ଭ ହୋଇଛି। ଶେଷ ତାରିଖ ରହିଛି ୦୬।୦୯।୧୮। ଉକ୍ତ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୪ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ସୂଚନା ଫଳକରୁ ଜଣାପଡିଛି।

ରାସ୍ତା କାର୍ଯ୍ୟରେ ଚଞ୍ଚକତା ହୋଇଥିବା ଗୋଡ଼ା ପଞ୍ଚାୟତର ସମାଜସେବୀ ଶରତ ଚନ୍ଦ୍ର ପାତ୍ର ଓ ବିରିଦା ଗ୍ରାମର ରମେଶ ନାଏକ, ଯଦୁ ଦେହୁରୀ, ଯଯାତି ଦେହୁରୀ, ପବିତ୍ର ଦେହୁରୀ ପ୍ରମୁଖ ଜିଲାପାଳଙ୍କୁ ଜଣାଇବା ସହ ଭିଜିଲାନ୍ସ ବିଭାଗକୁ ଲିଖିତ ଜଣାଇଛନ୍ତି। ଅନ୍ୟପକ୍ଷରେ ଜିଲାର ପ୍ରଭାବଶାଳୀ ନେତା ଓ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଯୋଗୁ ଗ୍ରାମ୍ୟ ଓ ଗୃହ ନିର୍ମାଣ ବିଭାଗ ଉକ୍ତ ଆଦିବାସୀ ଅଞ୍ଚଳରୁ ଫାଇଦା ନେଉଥିବା କୁହାଯାଉଛି। ୨୦ନଂ. ଜିଲା ପରିଷଦ ସଭ୍ୟା କମଳିନୀ ଦଣ୍ଡପାଟଙ୍କ କହିବାନୁଯାୟୀ, ଉକ୍ତ ଅଞ୍ଚଳର ରାସ୍ତା କାର୍ଯ୍ୟର ଅନିୟମିତତାକୁ ନେଇ ଜିଲା ବୈଠକରେ ଦୃଷ୍ଟି ଆକର୍ଷଣ କରିବା ପରେ କିଛି ସୁଫଳ ମିଳିନି।

## ରାସ୍ତା ପାଲଟିଛି ମରଣଯନ୍ତା

**ପାଟଣା, ୧୭।୯(ସ୍ୱ.ପ୍ର.)**

ପାଟଣା ବ୍ଲକ ବୁଢ଼ୀକାପୁଡି ପଞ୍ଚାୟତ ପୁରନ୍ଦରପୁର ଗ୍ରାମ ମୁଣ୍ଡାସାହି ରାସ୍ତା ମରଣଯନ୍ତା ପାଲଟିଛି। ସରକାର ପକ୍କା ରାସ୍ତା ନିର୍ମାଣ ପାଇଁ ବହୁ ଅର୍ଥ ବ୍ୟୟବରାଦ କରୁଥିଲେ ହେଁ ତାହା କାର୍ଯ୍ୟରେ ଲାଗିପାରୁନି। ଉକ୍ତ ସାହିରେ ୩୦ ପରିବାର ରହୁଛନ୍ତି। ବର୍ଷାଦିନେ କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି। ଏହାଦ୍ୱାରା ସେମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନଠାରୁ ଆରମ୍ଭ କରି ଲୋକପ୍ରତିନିଧିଙ୍କୁ ଗୁହାରି କରି ବିଫଳ ହୋଇଛନ୍ତି। ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇପାରୁନି। ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ପୁରପଲ୍ଲୀରେ ଦେବଶିଳ୍ପୀଙ୍କ ପୂଜା

**କେନ୍ଦୁଝର, ୧୭।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ପୁରପଲ୍ଲୀରେ ସୋମବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳିତ ହେଉଛି। ବିଭିନ ସଂସ୍ଥା, ସଙ୍ଗଠନ, ଶିକ୍ଷାନୁଷ୍ଠାନ, କାରଖାନା, ଗ୍ୟାରେଜ ଆଦିରେ ପୂଜା ଅରମ୍ଭ ହୋଇଛି। ବିଭିନ ଦେବାଦେବୀ ପୀଠରେ ଗାଡ଼ି ପୂଜା କରିବାକୁ ଭିଡ ଜମିଥିଲା। କେନ୍ଦୁଝର ସହରରେ ନେସ୍କୋ କାର୍ଯ୍ୟାଳୟ, ଓଏସଆରଟିସି ଅଫିସ, ଗ୍ୟାରେଜରେ ପୂଜା କରାଯାଇଛି। ଓଏସଏମଇ, ବିଭିନ ଶିଳ୍ପ ତାଲିମ କେନ୍ଦ୍ର, କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟ, ଡିପ୍ଲୋ, ଆଦିରେ ଛାତ୍ରୀଛାତ୍ର ବିଶ୍ୱକର୍ମାଙ୍କ ପୂଜା କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ହଳଦିଗୁଣାସ୍ଥିତ ଏମ୍ଏସପି ସ୍ପ କାରଖାନା ସମେତ ବିଭିନ୍ନ କାରଖାନା, କ୍ରସର ଆଦିରେ ପୂଜା କରାଯାଇଛି। ଆକର୍ଷଣୀୟ ମେଢ ଓ ତୋରଣ ଦେଖିବାକୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି।

**ପାଟଣା, (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକର ସରକାରୀ ଓ ବେସରକାରୀ ଶିଳ୍ପ ଅନୁଷ୍ଠାନ ଓ ପ୍ରତିଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ହେଉଛି। ପାଟଣା ବିଦ୍ୟୁତ୍ ବିଭାଗ ସେକ୍ସନ କାର୍ଯ୍ୟାଳୟ, ବିଶ୍ୱକର୍ମା ଫିଲିଂ ଷ୍ଟେଶନ ଓ ବିଭିନ୍ନ ଇଞ୍ଜିନିଅରିଂ ସଂସ୍ଥାରେ ବିଶ୍ୱକର୍ମାଙ୍କ ପୂଜା ହୋଇଛି।



କେନ୍ଦୁଝର ଏମ୍‌ସ୍‌ପି କାରଖାନା।



ପାଟଣା ବିଶ୍ୱକର୍ମା ଫିଲିଙ୍ଗ ଷ୍ଟେଶନ।



କୋଲିମାଟି ଗ୍ରାମର ବିଶ୍ୱକର୍ମା ସାହି।



ରାଇସୁଆଁର କେନ୍ଦୁପଶି ଗ୍ରାମ।



ଢେଙ୍କିକୋଟ।

■ ବିଭିନ୍ନ ଦେବାଦେବୀ ପୀଠରେ ଭିଡ଼

■ ମୁଖ୍ୟ ଆକର୍ଷଣ ମେଢ, ତୋରଣ

**କୋଲିମାଟି**

ଆନନ୍ଦପୁର ବ୍ଲକ କୋଲିମାଟି ଗ୍ରାମର ବିଶ୍ୱକର୍ମା ସାହିରେ ବିଶ୍ୱକର୍ମା ପୂଜା ଆନନ୍ଦର ସହ ପାଳନ କରାଯାଉଛି। ସାହିରେ ସମସ୍ତେ ସଜବାଜ ହୋଇ ନୂତନ ପୋଷାକ ପରିଧାନ କରି ପୂଜା ଥାଳି ଧରି ବାହାରି ପୂଜା ମଣ୍ଡପ ପାଖକୁ ଆସିଥିଲେ। ବିଶ୍ୱକର୍ମାଙ୍କୁ ପୂଜା କରିବା ପାଇଁ ବୀରଗୋବିନ୍ଦପୁରଠାରୁ ବ୍ରାହ୍ମଣ ଆସିଥାନ୍ତି। ପୂଜା ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବିଶ୍ୱକର୍ମା ପୂଜା ଦେଖିବାକୁ ଯାତ୍ରାକୁସୁମ, କୁମଡ଼, କନ୍ତୋ, ନୂଆପଡ଼ା, ଅର୍ଜୁନବଣିଆ ଗ୍ରାମର ଲୋକେ ଭିଡ଼ ଜମାଇଥିଲେ।

**ରାଇସୁଆଁ, (ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ରାଇସୁଆଁ, ବାଉରୀପଦା, ମହାଦେଇଯୋଡ଼ା, ପଦ୍ମପୁର, ନୂଆଗାଁ, କେନ୍ଦୁପଶି, ପଳାଶଙ୍ଗା ସହ ସଦର ଅଞ୍ଚଳର ବହୁ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। ପୂଜା ମଣ୍ଡପ ଏବଂ ତୋରଣକୁ ଖୁବ ସୁନ୍ଦର ଭାବେ ସଜା ଯାଇଛି। ମଣ୍ଡପରେ ପ୍ରବଳ ଭିଡ଼ ଜମୁଛି। କେନ୍ଦୁପଶି ଗ୍ରାମରେ ୧୪ତମ ବିଶ୍ୱକର୍ମା ପୂଜାକୁ ଧୂମଧାମରେ ପାଳନ କରାଯାଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବିଶେଶ୍ୱର କ୍ଲବର ବରିଷ୍ଠ ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର ସୂଚନା ଦେଇଛନ୍ତି।

**ଢେଙ୍କିକୋଟ, (ଡି.ଏନ.ଏ.)**

ଢେଙ୍କିକୋଟରେ ବିଭିନ୍ନ ଯାନ୍ତ୍ରୀକ ଅନୁଷ୍ଠାନ, ସାଇକେଲ, ବାଇକ୍ ଏବଂ ଟ୍ରକ୍ ଗ୍ୟାରେଜ ସମେତ ବିଦ୍ୟୁତ୍ ବିଭାଗର ନେସ୍କୋ କାର୍ଯ୍ୟାଳୟରେ ପାଳନ କରାଯାଇଛି। ନେସ୍କୋ କାର୍ଯ୍ୟାଳୟର ସମୂହ କର୍ମଚାରୀ ବିଶ୍ୱକର୍ମାଙ୍କ ପୂଜା କରିଥିଲେ। ଏଥିରେ ଜୁନିୟର ଇଞ୍ଜିନିୟର ସୁବ୍ରତ କୁମାର ଚନ୍ଦ୍ର ସଂକଳ୍ପରେ ବସିଥିଲେ। ଢେଙ୍କିକୋଟ ନେସ୍କୋ ସେକ୍ସନ ଅଧୀନରେ ଥିବା ସମସ୍ତ ବିଦ୍ୟୁତ୍ କର୍ମଚାରୀ ଏକତ୍ରିତ ହୋଇ ପୂଜା ମଣ୍ଡପରେ ବାବା ବିଶ୍ୱଶିଳ୍ପୀଙ୍କୁ ଆରାଧନା କରି ପୁଷ୍ପାଞ୍ଜଳି ଦେଇଛନ୍ତି। ପୂଜାକୁ ସରସ ସୁନ୍ଦର କରିବାରେ ଲାଇନ୍‌ମ୍ୟାନ୍ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବିରେନ ଜେନା, ଶମ୍ଭୁନାଥ ପାଣିଗ୍ରାହୀ ସହଯୋଗ କରିଛନ୍ତି।